# ଗଡ଼ିଲାନି '୧୦୮'; ହନ୍ତସନ୍ତ ରୋଗୀ

**କାଶୀନଗର,୧୧।୧୨(ସମିସ)**



ଦୀର୍ଘ ମାସ ହେଲା ସାରା ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦରମା ବନ୍ଦ ରହିଥିବା ବେଳେ ଗଜପତି ଜିଲ୍ଲା କାଶୀନଗରରେ କାର୍ଯ୍ୟରତ ୧୦୮ କର୍ମଚାରୀ ନାହିଁ ନ ଥିବା ଅସୁବିଧାରେ ରହିଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ସରକାର ବଦଳି ପର ଠାରୁ ଆଉଟସୋର୍ସିଂ କର୍ମଚାରୀଙ୍କ ଦରମା ମିଳୁ ନ ଥିବା ନେଇ ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରେ ୧୦୮ କର୍ମଚାରୀ ବି ରହିଛନ୍ତି। କିଛି ଦିନ ପୂର୍ବେ ଗଜପତି ଜିଲ୍ଲା ୧୦୮ କର୍ମଚାରୀ ସଂଘ ତରଫରୁ ବିଭିନ୍ନ ଅସୁବିଧାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ହେଲେ ସେମାନଙ୍କ ଦାବି ପୂରଣ ହେବା ତ ପଛ କଥା କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ଦରମା ମିଳି ନ ଥିବା ନେଇ ଅଭିଯୋଗ କରିଛନ୍ତି। ଯେଉଁ ସଂସ୍ଥା ଅଧୀନରେ ଉକ୍ତ କର୍ମଚାରୀ କାମ କରୁଥିଲେ ବର୍ତ୍ତମାନ ସରକାର ବଦଳି ପରେ ଅନ୍ୟ ସଂସ୍ଥା ହାତକୁ ନେଇଥିବା ଜଣାପଡିଛି। ପୂର୍ବ ସଂସ୍ଥା କର୍ମଚାରୀଙ୍କ ଦରମାର ଇନକ୍ରିମେଣ୍ଟ ଟଙ୍କା ସେମାନଙ୍କୁ ପ୍ରଦାନ ନ କରି କିପରି ଅନ୍ୟ ସଂସ୍ଥା ଅଧୀନରେ କର୍ମଚାରୀ କାର୍ଯ୍ୟ କରିବେ ବୋଲି ପ୍ରଶ୍ନ ଉଠାଇଛନ୍ତି ୧୦୮ କର୍ମଚାରୀ। ପୂର୍ବରୁ ମଧ୍ୟ ଶତାଧିକ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ଦେଇ ନ ଥିବା ବେଳେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ କର୍ମଚାରୀମାନେ ଦିନରାତି ରୋଗୀଙ୍କ ସେବା କରି ଆସୁଥିବା ବେଳେ ସେମାନଙ୍କ ଦରମା ବନ୍ଦ ରହିଥିବା ଯୋଗୁ ନିଜ ନିଜ ପରିବାର ସହ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ସୂଚନା ଅନୁଯାୟୀ କର୍ମଚାରୀ ୧୨ଘଣ୍ଟା କାର୍ଯ୍ୟ କରିଥିବା ବେଳେ ୮ଘଣ୍ଟାର ଦରମା ମିଳୁଛି ହେଲେ ଅନ୍ୟ ୪ଘଣ୍ଟାର ଦରମା ଟଙ୍କା ପାଉ ନ ଥିବା ଅଭିଯୋଗ ହେଉଛି। ହେଲେ ସେହି କର୍ମଚାରୀଙ୍କ ସେହି ୪ଘଣ୍ଟାର ଦରମା ଟଙ୍କା ଯାଉଛି କୁଆଡେ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ୧୦୮ ଆମ୍ବୁଲାନ୍ସ ଗାଡ଼ି ଅପଲୋଡ଼ ରହିଥିବା ବେଳେ କର୍ମଚାରୀ କିନ୍ତୁ ରୋଗୀଙ୍କ ସେବା କରିବା ପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି। ହେଲେ ଗାଡ଼ି ଅପଲୋଡ଼ ଥିବା ଯୋଗୁ ଉକ୍ତ ସଂସ୍ଥା କୌଣସି ରୋଗୀଙ୍କ କେସ ଦେଉନଥିବା ଜଣାପଡିଛି । କାରଣ ଗାଡ଼ି ଅପଲୋଡ଼ ଥିଲେ ସଂସ୍ଥାକୁ ଟଙ୍କା ମିଳିବ ନାହିଁ ସେଇଥିପାଇଁ ଉକ୍ତ ସଂସ୍ଥା ରୋଗୀଙ୍କ କେସ ଦେଉନଥିବା କର୍ମଚାରୀ କହିଛନ୍ତି। ସେଇଥିପାଇଁ ଜିଲ୍ଲାରେ ରୋଗୀଙ୍କ ନେବା ପାଇଁ ୧୦୮ ଆମ୍ବୁଲାନ୍ସ ଗାଡ଼ି ସେବା ଅଚଳ ରହିଥିବା ଯୋଗୁ ରୋଗୀଙ୍କ ଅବସ୍ଥା ସଙ୍କଟପୂର୍ଣ୍ଣରେ ଚାଲିଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆତିଶୀଘ୍ର ୧୦୮ କର୍ମଚାରୀଙ୍କ ଦାବି ପୁରଣ କରିବା ସହ ନିଯୁକ୍ତି ପତ୍ର ପ୍ରଦାନ ଓ ଦରମା ପ୍ରଦାନ କରାଯିବାକୁ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି ହୋଇଛି।

● ଗାଡ଼ିଆପଡ଼ା ଘାଟିରେ ଦୁର୍ଘଟଣା

## ଟ୍ରାକ୍ଟର ଓଲଟି ଜଣେ ମୃତ, ଜଣେ ଆହତ

**ଖଜୁରୀପଡ଼ା,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଗାଡ଼ିଆପଡା ଘାଟିରେ ଟ୍ରାକ୍ଟର ଓଲଟି ଜଣେ ମୃତ ଜଣେ ଆହତ ହୋଇଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳେ ଚାରି ପଡା ଗ୍ରାମର ଉଭୟ ପ୍ରବୀଣ ଜାନି ଓ ଅଜିତ୍ ଦଳବେହେରା ଟ୍ରାକ୍ଟର ଯୋଗେ ଗାଡିଆପଡାରୁ ବାଲି ଆଣିବାକୁ ଯାଉଥିବା ବେଳେ ଗାଡିଆପଡା ଘାଟିରେ ସାଢେ ନଅଟା ବେଳେ ଟ୍ରାକ୍ଟର ଓଲଟି ପଡିବାରୁ ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ପ୍ରବୀଣ ଜାନି (୩୨) ଏବଂ ଆହତ ଜଣକ ହେଲେ ଅଜିତ୍ ଦଳବେହେରା। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଆହତକୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଜୁରୀପଡ଼ା ଡାକ୍ତରଖାନାକୁ ନେଇଥିବା ବେଳେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ .ଆଇ ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟ ପଟେ ଦୁର୍ଘଟଣା ସ୍ଥଳରେ ଆଞ୍ଚଳିକ ପରିବହନ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଗଜପତି ଉତ୍ସବ ପାଇଁ ପୋଷ୍ଟର୍ ଉନ୍ମୋଚିତ



**ପାରଳାଖେମୁଣ୍ଡି,୧୧।୧୨(ସମିସ):** ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ହେଉଥିବା ଗଜପତି ଉତ୍ସବ ନିମନ୍ତେ ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଜପତି ଉତ୍ସବର ପୋଷ୍ଟର ଉନ୍ମୋଚନ ହୋଇଯାଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣନିଧି ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି, ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଏବଂ ଗଜପତି ଉତ୍ସବ ପାଳନ ପାଇଁ ହୋଇଥିବା ବିଭିନ୍ନ କମିଟିର ଅଧ୍ୟକ୍ଷ ଓ ସଂଯୋଜକ ଉପସ୍ଥିତ ଥିଲେ। ଏହି ପୋଷ୍ଟର ମାଧ୍ୟମରେ ଜିଲ୍ଲାର ଜନସାଧାରଣଙ୍କୁ ଗଜପତି ଉତ୍ସବ ନିମନ୍ତେ ସଚେତନତା କରାଯିବ । ସେହିପରି ଗଜପତି ଉତ୍ସବ ପାଳନ ନିମନ୍ତେ ଏକ ସଚେତନତା ରଥକୁ ମଧ୍ୟ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାରେ ସମସ୍ତ ବ୍ଲକ୍ ଗସ୍ତ କରି ଗଜପତି ଉତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉପଲକ୍ଷେ ସଚେତନତା ସୃଷ୍ଟି କରିବ ବୋଲି ସୂଚନା ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, ଚଳିତ ମାସ ୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ରେ ଗଜପତି ମହୋତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହେବାକୁ ଯାଉଛି । ଜିଲ୍ଲାର ଲୋକ କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଭାଇଚାରାର ମାଟିରେ ଏପରି ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ସେହିପରି ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଗଜପତି ମହୋତ୍ସବରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ପ୍ରଦର୍ଶନ କରିବେ। ଏତଦ୍‌ବ୍ୟତୀତ ଜିଲ୍ଲାରେ ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷୀ ଜାତ ଦ୍ରବ୍ୟ, ହସ୍ତତନ୍ତ୍ର ସାମଗ୍ରୀ ଓ ସଉରା ଚିତ୍ରକଳା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ସାମଗ୍ରୀ ଗୁଡିକର ବିକ୍ରି ଓ ପ୍ରଦର୍ଶନୀ କରାଯିବ ବୋଲି କୁହାଯାଇଛି।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତାରେ ଗଜପତିର ସଫଳତା



**ପାରଳାଖେମୁଣ୍ଡି,୧୧।୧୨(ସମିସ):** ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଡିସେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ୧୭ ବର୍ଷରୁ କମ ଉଭୟ ବାଳକ, ବାଳିକା ବର୍ଗର ଓଡ଼ିଶା ରାଜ୍ୟ ଚାଲିଥିଲା ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି ।ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ଜ୍ୟୋତିପ୍ରସାଦ ପରିଡାଙ୍କ ମାର୍ଗଦର୍ଶନରେ ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ତଥା ସାଙ୍ଗଠନିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲ୍ଲାରୁ ୧୪ଜଣ ଖେଳାଳି ଏବଂ ଟିମ୍ ମ୍ୟାନେଜର ଓ କୋଚ୍ ଭାଗନେଇଥିଲେ। ବାଳକ ବିଭାଗରେ ଗଜପତି ଦଳ ପ୍ରଥମେ ଝାରସୁଗୁଡାକୁ ହରାଇବା ପରେ ସମ୍ବଲପୁର ଓ କୋରାପୁଟକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେମିଫାଇନାଲରେ ଅନୁଗୁଳକୁ ହରାଇ ଫାଇନନାଲକୁ ଉଠିଥିଲା। ଫାଇନାଲ୍ ମ୍ୟାଚ ମୟୂରଭଞ୍ଜ ଓ ଗଜପତି ମଧ୍ୟରେ ହୋଇଥିଲା । ପ୍ରତିଯୋଗିତାରେ ମୟୂରଭଞ୍ଜ ଚାମ୍ପିଅନ (ବିଜେତା) ଏବଂ ଗଜପତି ରନର୍ସଅପ(ଉପବିଚେତା) ହୋଇଥଲା। ଫାଇନାଲରେ ପ୍ରଥମ ଥର ପାଇଁ ରନର୍ସଅପ ହୋଇଥିବାରୁ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ସମେତ ଜିଲ୍ଲା ଶିକ୍ଷାଧିକାରୀ ଡ. ମାୟାଧର ସାହୁ ସମସ୍ତ ଖେଳାଳି ଏବଂ ଟିମ୍ ମ୍ୟାନେଜର ଓ କୋଚଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅତିରିକ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ପାତ୍ର ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ସାଧୁବାଦ ପ୍ରଦାନ କରିଥିଲେ ।

# ୨୭୦ ଜଣଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ

**ଜି.ଉଦୟଗିରି,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟରେ ବୁଧବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଥିଲା। ଜି.ଉଦୟଗିରି ତହସିଲଦାର ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ଜଙ୍ଗଲ ଜମୀ ଅଧିକାର ପଟ୍ଟାବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତ ଆଇନ -୨୦୦୬ ଅନୁଯାୟୀ ସ୍ଥାନୀୟ ତହସିଲ ଅନ୍ତର୍ଭୁକ୍ତ ମାଲିକାପୋଡି, କଳିଙ୍ଗା, ଗ୍ରେସିଙ୍ଗିଆ, ଲିଙ୍ଗାଗଡ଼ ରାଜସ ପଞ୍ଚାୟତର ଉପସ୍ଥିତ ଥିବା ୨୭୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମୀ ପଟ୍ଟା ବଣ୍ଟନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ତହସିଲ କାର୍ଯ୍ୟାଳୟ ପରିସର ମଧ୍ୟରେ ଜଙ୍ଗଲ ଜମୀ ପଟ୍ଟା ଗ୍ରହଣ କରି ହିତାଧିକାରୀ ଖୁସୀ ବ୍ୟକ୍ତ କରିଛନ୍ତି । ଏହି ମେଳାରେ ମାଲିକପଡି, କଳିଗାଁ, ଗ୍ରେସିଙ୍ଗିଆ ଓ ଲିଗାଂଗଡ ଆଦି ରାଜସ୍ୱ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିଥିବା ବେଳେ ରାଜସ୍ୱ କର୍ମଚାରୀ ସହଯୋଗ କରିଥିଲେ।

■ ନାବାଳିକା ଅସଦାଚରଣ ମାମଲା

## ଯୁବକକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ,୧୧।୧୨(ସମିସ):** ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଫୁଲବାଣୀ ପୋକସୋ କୋର୍ଟ ଅଭିଯୁକ୍ତକୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧୬ ମାସ ଜେଲ ଭୋଗିବା ପାଇଁ ଆଦେଶ ଦେଇଛନ୍ତି ଅଦାଲତ। ଏଥିସହିତ ପିଡ଼ିତାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୁରଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ଖଜୁରୀପଡା ଥାନା ଅଞ୍ଚଳର ମାନସ ମଲ୍ଲିକ ବୋଲି ଜଣାପଡିଛି। ସୂଚନା ଅନୁସାରେ, ଗତ ୨୦୧୯ ଜାନୁୟାରୀ ୨୯ ତାରିଖ ଦିନ ମାନସ ଖଜୁରୀପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ପିଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା ।ଏତଲା ପ୍ରକାରେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନସକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ପୁଣି ଥରେ ପାରଦ ତଳମୁହାଁ

**ଜି.ଉଦୟଗିରି,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରରେ ପୁଣି ଥରେ ଶୀତ ବଢିବାରେ ଲାଗିଛି। କିଛିଦିନର ଦିନ ବ୍ୟବଧାନ ପରେ ପୁଣିଥରେ ପାରଦ ତଳମୁହାଁ ହୋଇଛି। ବୁଧବାର ଜି. ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରେ ପହଞ୍ଚିଥିବା ରେକର୍ଡ କରିଛି କୃଷି ଗବେଷଣା କେନ୍ଦ୍ର। ଫଳରେ ଏହାର ପ୍ରକୋପରେ ଶୀତ ବଢିବାରେ ଲାଗିଛି। ଲଘୁଚାପ, ଘୂର୍ଣ୍ଣିବଳୟ ଯୋଗୁ ବର୍ଷା ଏବଂ ପରବର୍ତ୍ତୀ ସମୟରେ ପାଗ ମେଘୁଆ କାରଣରୁ ଏକ ସପ୍ତାହ ହେଲା ଶୀତ କମିଯାଇ ଥିବା ବେଳେ ଆଜି ଠାରୁ ପୁଣିଥରେ ଅନୁଭୂତ ହୋଇଛି ଶୀତ। କୋହଲା ପବନରେ ଦେହ କାଲୁଆ ହୋଇଯାଇଥିବା ବେଳେ ରାସ୍ତା କଡରେ ବସି ବ୍ୟବସାୟ କରୁଥିବା ଲୋକେ,ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ପେଟ ପୋଷୁଥିବା ଲୋକ, ଅସହାୟ, କଚା ଘରେ ରହୁଥିବା ଲୋକଙ୍କ ଚିନ୍ତା ବୃଦ୍ଧି ପାଇଛି। ପୁଣି ଥରେ ଶୀତରୁ ରକ୍ଷା ପାଇବା ପାଇଁ ସକାଳ ଏବଂ ସନ୍ଧ୍ୟାରେ ରାସ୍ତା କଡ଼ରେ ନିଆଁ ପାଖରେ ବସ ରହୁଥିବା ଦେଖିବାକୁ ମିଳିଛି।

# ୟୁଥ ୱାରିୟର ଯୁବ ସଂଗଠନର ପଞ୍ଚାୟତସ୍ତରୀୟ କମିଟି ଗଠିତ




**ଟିକାବାଲି,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଟିମାହା ପଞ୍ଚାୟତରେ କନ୍ଧମାଳର ସକ୍ରିୟ ଯୁବ ସଂଗଠନ ୟୁଥ ୱାରିୟରର ବ୍ଲକ ସଭାପତି ରାଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତ ପରିଚାଳନା କମିଟି ଗଠନ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ୟୁଥ ୱାରିୟାର ପ୍ରତିଷ୍ଠାତା ତଥା ଏଏମସିଏସ କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ସମ୍ମାନିତ ଅତିଥି କଟିମାହା ସରପଞ୍ଚ କର୍ନେଲ କହଁର, ଗାର୍ଡିଙ୍ଗିଆ ସରପଞ୍ଚ ଜିତେନ୍ଦ୍ର ମଲିକ, ଟିକାବାଲି ସରପଞ୍ଚ କୁଇରୁ ମଲିକ, ଟିକାବାଲି ବ୍ଲକ ବିଧାୟକ ପ୍ରତିନିଧି ସାରଙ୍ଗଧର କହଁର, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମଧୁସୂଦନ ବେହେରା ଓ ସୋସିଆଲ ଅଡିଟର ଅମିତା ଭୋଇ ଉପସ୍ଥିତ ଥିଲେ। ୟୁଥ ୱାରୀୟର ପଞ୍ଚାୟତ ସ୍ତରିୟକମିଟିରେ ଆକୁଳାନନ୍ଦ ଦିଗାଳଙ୍କୁ ସଭାପତି, ଅନଏ ମଲ୍ଲିକ କାର୍ଯ୍ୟକାରୀ ସଭାପତି, ମଞ୍ଜିତ କହଁର ସମ୍ପାଦକ, ଉପସଭାପତି ରୂପେ ଅଶୋକ ଦେହୁରୀ ଓ ବରୁଣ କହଁର , ଯୁଗ୍ମ ସମ୍ପାଦକ ଭାବେ ଜଗଦିଶ ଦେହୁରୀ ଓ କୋଷାଧକ୍ଷ ରୂପେ ରମେଶ କହଁର ଓ ଦିଲୀପ ଦିଗାଳଙ୍କୁ ଚୟନ କରାଯାଇଥିଲା। ବୈଠକରେ କଟିମାହା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅରବିନ୍ଦ ମହାପାତ୍ର, ଜୟପ୍ରକାଶ ପାତ୍ର, ରାଜେଶ କହଁର, ପ୍ରତାପ ମଲିକ, ବବ୍ରୁବାହାନ ଜେନା, ସାନୁଜ କୁମାର ଦିଗାଳ, ମାର୍କଣ୍ଡ ମଲିକ, ଜ୍ୟୋତିରାଜ କହଁର, ଆମୋଦ କହଁର ଓ ରାଜାନନ୍ଦ ପ୍ରଧାନ ସହ ଅନେକ ଯୁବକ ଯୋଗ ଦେଇଥିଲେ।

# ବାରାଣସୀ ମହୋତ୍ସବ ଉଦ୍‌ଘାଟିତ



**କାଶୀନଗର,୧୧।୧୨(ସମିସ):** ଗଜପତି ଜିଲ୍ଲା କାଶୀନଗର ସରକାରୀ ହାଇସ୍କୁଲ୍ ପଡିଆରେ ବାରାଣସୀ ମହୋତ୍ସବ ପାରମ୍ପରିକ ଭାବେ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ କାଶୀନଗର ବ୍ଲକ୍ ଓ ଏନ୍ଏସି ସ୍ତରୀୟ ଗଜପତି ଉତ୍ସବ ଉଦଘାଟିତ ହୋଇ ଯାଇଛି। ପଂଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଏନ୍ଏସି ଅଧ୍ୟକ୍ଷା ଏମ.ସୁଧାରାଣୀ, ସମିତି ଉପାଧ୍ୟକ୍ଷା ଏସ.କଲ୍ୟାଣୀ, ସିଡିପିଓ କନକଲତା ପୂଜାରୀ, ଆଇଆଇସି ସୁନୀଲ ବେହେରା ଓ ବିଇଓ ଆଦିକନ୍ଦ ଗମାଙ୍ଗ ମଞ୍ଚାସୀନ ହୋଇଥିଲେ। ବିଡିଓ ଡମ୍ବରୁଧର ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ ସମାବେଶ ପରିଚାଳନା କରିଥିଲେ । ବିଭିନ୍ନ ପଂଚାୟତ, ଏନଏସି ଓ ସ୍କୁଲ୍ କଲେଜରୁ ଆସିଥିବା ନୃତ୍ୟ ଦଳ ପକ୍ଷରୁ ଚିତ୍ତାକର୍ଷକ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ ଓ ସମସାମୟିକ ଶୈଳୀର ନୃତ୍ୟ ପରିବେଷଣ କରାଯାଇଥିଲା । ଉଦଘୋଷିକ ଓ ଉଦଘୋଷିକା ଭାବେ ଶୁଭ୍ରାଂଶୁ ପଟ୍ଟନାୟକ ଓ ଉମା କୁମାରୀ ଦାୟିତ୍ୱ ତୁଲାଇଥିଲେ। ବିଖ୍ୟାତ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଛାତ୍ର ଗୋପୀନାଥ ମହାରଣା, ଚଳଚିତ୍ର ସହ କଳା ନିର୍ଦ୍ଦେଶକ ଅଜିତ କୁମାର ସ୍ଥାନୀୟ ଚିତ୍ରଶିଳ୍ପୀ କେ.ରାମବାବୁଙ୍କ ସହାୟତାରେ ବାଲିରେ ଜଗନ୍ନାଥ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ମୂର୍ତ୍ତି ଆଙ୍କିଥିଲେ।

# ନାଳ ନାହିଁ, ପାଣି କାଦୁଅ ପରିବେଶରେ ଗାରାବନ୍ଧ ଗ୍ରାମବାସୀ

**ଗୋଷାଣି,୧୧।୧୨(ସମିସ)**



ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମରେ ନାଳ ନ ଥିବା ଯୋଗୁଁ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ବେଳେ ପାଣି କାଦୁଅ ପରିବେଶରେ ରହୁଛନ୍ତି। ନାଳ ନିର୍ମାଣ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ବିଭିନ୍ନ ସ୍ତରରେ ଦାବିକରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗୋଷାଣି ବ୍ଲକର ଏକ ପ୍ରମୁଖ ବ୍ୟବସାୟିକ ସ୍ଥାନ ହେଉଛି ଗାରାବନ୍ଧ। ଏହା ସହ ଲାବାଣ୍ୟଗଡରୁ ଜିଲ୍ଲାସଦର ମହକୁମା ପାରଳାଖେମୁଣ୍ଡି ସମେତ ପଡୋଶୀ ରାୟଗଡ ଜିଲ୍ଲାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥରେ ଏହି ଗ୍ରାମ ଅବସ୍ଥିତ। ଗ୍ରାମ ଦେଇ ଯାଇଥିବା ରାଜ୍ୟ ରାଜପଥ ଉଭୟ ପାର୍ଶ୍ୱରେ ନାଳ ନ ଥିବା ଯୋଗୁଁ ସାହି ବସ୍ତିର ପାଣି ଆସି ଜମାଟ ବାନ୍ଧୁଛି। ଏଥିଯୋଗୁଁ ରାଜପଥ ଖାଲଖମାରେ ପରିଣତ ହେଉଛି। ଗାରାବନ୍ଧ ଗ୍ରାମର ମୁଖ୍ୟସ୍ଥାନ କୁହାଯାଉଥିବା ହାଟ ନିକଟସ୍ଥ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପାଣି ଜମାଟ ବାନ୍ଧି ରାସ୍ତା ଖରାପ ହେବାର ଖବର ପ୍ରକାଶ ପରେ ପୂର୍ତ୍ତ ବିଭାଗ ଚେତି ରାସ୍ତା ନିର୍ମାଣ କରିଥିଲା। ହେଲେ ଏବେ ପୁଣି ସେହି ସ୍ଥାନରେ ଦୂଷିତ ପାଣି ଜମାଟ ବାନ୍ଧୁଛି। ପୂର୍ତ୍ତ ବିଭାଗ ନୂତନ ଭାବେ ନିର୍ମାଣ କରିଥିବା ରାସ୍ତା ଓ ପୁରୁଣା ରାସ୍ତାର ସଂଯୋଗିକରଣ ସ୍ଥାନ ଖାଲୁଆ ହୋଇପଡିବା ଯୋଗୁଁ ପାଣି ଜମାଟ ବାନ୍ଧି ରହି ଦେଢ ଫୁଟରୁ ଉର୍ଦ୍ଧ୍ୱ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ଖାଲୁଆ ସ୍ଥାନରେ ଦୂଷିତ ପାଣି ଜମାଟ ହୋଇ ରହୁଥିବା ଯୋଗୁଁ ସମଗ୍ର ଅଞ୍ଚଳ କାଦୁଅ ଭରା ପରିବେଶ ରହୁଛି। ଏହି କାଦୁଅ ପଥ ଦେଇ ଦୈନନ୍ଦିନ ଶହ ଶହ ମୋଟର ଗାଡି ଯାତାୟତ କରୁଥିବା ଯୋଗୁଁ ଖେଳିଯାଇ ସମଗ୍ର ଅଞ୍ଚଳ କର୍ଦ୍ଦମାକ୍ତ ହୋଇପଡୁଛି। ଏପରିକି ଯାନବାହାନ ଯିବା ଆସିବା ସମୟରେ କାଦୁଅ ଛିଟିକି ଏହି ଅଞ୍ଚଳରେ ଥିବା ଘର, ବ୍ୟବସାୟୀକ ପ୍ରତିଷ୍ଠାନ ମଧ୍ୟରେ ପଡୁଥିବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ବିଶେଷ କରି ଏହି ରାସ୍ତା ଦେଇ ନୂତନ ଭାବେ ଆସୁଥିବା ଗାଡି ଚାଳନା କରୁଥିବା ଚାଳକମାନେ କଦ ଯୋଗୁଁ ଗର୍ତ୍ତ ନ ଜାଣିପାରି ଦ୍ରୁତ ଗତିରେ ଯିବା ବେଳେ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଯାଉଛି। ନାଳ ନିର୍ମାଣ ପାଇଁ ଅନୁରୋଧ କରାଯାଉଛି। ଆଉ ନାଳ ନିର୍ମାଣ ପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟବରାଦ ମଧ୍ୟ ହୋଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ବିଳମ୍ବ ପଣ ଆପଣାଉଥିବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର କହିଛନ୍ତି। ତୁରନ୍ତ ନାଳ ନିର୍ମାଣ କରାନଗଲେଆନ୍ଦୋଳ।।କ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କେ.ଏମ୍. ଭାଲିଆ ସାହିରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା



**ପାରଳାଖେମୁଣ୍ଡି,୧୧।୧୨(ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ କେ.ଏମ.ଭାଲିଆ ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆମ୍ପୋଲୁ ରବି କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥୀ ଭାବେ ରା.ଉଦୟଗିରି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ର ମଣ୍ଡଳ, ମୂଖ୍ୟବକ୍ତା ଭାବେ ବରିଷ୍ଠ କୃଷି ବୈଜ୍ଞାନିକ ଡ. ସଞ୍ଜୀବ କୁମାର ମାଣ୍ଡି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାଧୁଚରଣ ଦଣ୍ଡସେନା, ଛେଲିଗଡ ସ୍ଥିତ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ବଡରଇତ, ମହେନ୍ଦ୍ରଗଡ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକ, ରଣ୍ଡିବା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ଓ ଟିକାମାଳ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ଦାସ ଯୋଗଦାନ କରିଥିଲେ। ବିଚାରକ ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଏବଂ ବରିଷ୍ଠ କୃଷି ବୈଜ୍ଞାନିକ ଡ.ସଞ୍ଜୀବ କୁମାର ମାଣ୍ଡି ଯୋଗ ଦେବା ସହ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାର ୭ ବ୍ଲକରୁ ବିଭିନ୍ନ ବିଭାଗରେ ମୋଟ ୪୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗର କୃତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ବଣ୍ଟନ କରାଯାଇଥିଲା । କୃତି ଛାତ୍ରଛାତ୍ରୀ ଆସନ୍ତା ୧୮ ରୁ୨୦ ତାରିଖରେ ହେବାକୁଥିବା ରାଜ୍ୟସ୍ତରୀୟ ବାଳ ବିଜ୍ଞାନ ମେଳାରେ ଗଜପତି ଜିଲ୍ଲା ପକ୍ଷରୁ ଅଂଶ ଗ୍ରହଣ କରିବେ। ଏହି ଅବସରରେ ବିନୋଦ ଚନ୍ଦ୍ର ଜେନାଙ୍କ ଲିଖତ ବିଜ୍ଞାନ ସମ୍ପର୍କିତ ପୁସ୍ତକର ମଧ୍ୟ ଶୁଭ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲା ବେଳେ ଯୁଧିଷ୍ଠିର ପାଇକ ଏବଂ ପ୍ରହଲ୍ଲାଦ ଶିଅଳ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ବାଜିର ଓ ଯୁବକସଂଘର ଯୁବଗୋଷ୍ଠୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ଅତିରିକ୍ତ ଆର୍‌ଆଇଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୧।୧୨(ସମିସ):** କୁକୁଡାଖଣ୍ଡି ତହସିଲ ଅନ୍ତର୍ଗତ ଲାଠି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଠି କାଳିଞ୍ଜି ସାହିର ରବିନ୍ଦ୍ରନାଥ ଭୂୟାଁ ଓରଫ ରବି(୫୪)। ଅଭିଯୁକ୍ତ ରବିଙ୍କ ନିକଟରୁ ଏକ କାତି ଓ ଭଙ୍ଗା ଚଷମା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ରବି ଏକ ଜମି ପଟାର ନକଲି ଧରି ମଙ୍ଗଳବାର ଲାଠି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାହାର ନକ୍ସା ବାହାର କରି ତାଙ୍କ ପ୍ଲଟ ଚିହ୍ନଟ କରିବାକୁ କହିଥିଲେ। ତେବେ ପ୍ଲଟ ବିଷୟରେ ଜାଣିବାକୁ ହେଲେ ତହସିଲ କାର୍ଯ୍ୟାଳୟରେ ଡିମାର୍କେସନ ପାଇଁ ଆବେଦନ କରିବାକୁ ହେବ ବୋଲି ରାଜସ୍ୱ ନିରୀକ୍ଷକ ବନିତା ପାତ୍ର ପରାମର୍ଶ ଦେଇଥିଲେ। ଏଥିରେ ରବି ଉତକ୍ଷିପ୍ତ ହୋଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଧାରୁଆ କାତି ସାଙ୍ଗରେ ନେଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଅତିରିକ୍ତ ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ଜେନାଙ୍କୁ ସେ ଆକ୍ରମଣ କରିବା ସହ ମାଡ଼ ମାରିଥିଲେ। କାତିଟିକୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଉପରକୁ ଫୋପାଡି ଦେଇଥିଲେ। ରବିଙ୍କ ମାଡ଼ରେ ହିମାଂଶୁଙ୍କ ଚଷମା ଭାଙ୍ଗି ଯିବା ସହ ସେ ଆହତ ହୋଇଥିଲେ। ରାଜସ୍ୱ ନିରୀକ୍ଷକ ବିନତା ପାତ୍ର କାର୍ଯ୍ୟାଳୟକୁ ଫେରିବା ପରେ ରବି ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଅତିରିକ୍ତ ରାଜସ୍ୱ ନିରୀକ୍ଷକ କୁକୁଡାଖଣ୍ଡି ତହସିଲଦାରଙ୍କୁ ଜଣାଇବା ପରେ ସେ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରବିଙ୍କୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।



- ଗାଳିଗୁଲଜ କରି ଫୋପାଡ଼ିଥିଲେ ଆସବାବପତ୍ର, ମରଣାନ୍ତକ ଆକ୍ରମଣ ସହ ଦେଇଥିଲେ ହତ୍ୟା ଧମକ

● ବହୁଚର୍ଚ୍ଚିତ କୁରେଶୁ ଗୌଡ଼ ହତ୍ୟାକାଣ୍ଡ

# ୭ ବର୍ଷ ପରେ ପ୍ରକାଶ ପାଇଲା ଚୂଡ଼ାନ୍ତ ରାୟ

**ବ୍ରହ୍ମପୁର,୧୧।୧୨(ସମିସ):** ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ-(ପ୍ରଥମ) ଡ଼. ଇନ୍ଦୁ ଶର୍ମାଙ୍କ କୋର୍ଟରେ ବୁଧବାର ବହୁ ଚର୍ଚ୍ଚିତ କୁରେଶୁ ଗୌଡ଼ ହତ୍ୟାକାଣ୍ଡ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ୯ଜଣ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦୋଷ ସାବ୍ୟସ୍ତ କରିଛନ୍ତି। ନିର୍ଦୋଷ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ହେଲେ ଖାରିଆଗୁଡା ଅଂଚଳର ଠେସା କାଳିଆ ଓରଫ କେଶବ କୁଣ୍ଡ, ଉପେନ୍ଦ୍ର ପ୍ରଧାନ ଓରଫ ଉପେ, ବାପି ଗୌଡ, ସଞ୍ଜୟ ପାଣିଗ୍ରାହୀ, ଦେବରାଜ ସେଠୀ, ବି. ଉଦିତ କୁମାର ଦୋରା, ତିରୁପତି ସାହୁ, ଭି. ଜିତେନ ଓ ସଞ୍ଜୟ ପଣ୍ଡା। ସୂଚନାଯୋଗ୍ୟ ଯେ, ଜରଡ଼ା ଥାନା ଅନ୍ତର୍ଗତ ଖାରିଆଗୁଡା ଅଞ୍ଚଳରେ ଠେସା କାଳିଆ ଓ କୁରେଶ ଗୌଡଙ୍କ ମଧ୍ୟରେ ଗୋଷ୍ଠିବିବାଦ ଲାଗି ରହିଥିଲା। ୨୦୧୭ମସିହା ଅକ୍ଟୋବର ୪ତାରିଖରେ କୁରେଶୁ ଗୌଡ ଦିଗପହଣ୍ଡିରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସନ୍ଧ୍ୟାରେ ସେ ତାଙ୍କର କେତେକ ବନ୍ଧୁ ଓ ସହଯୋଗୀଙ୍କ ସହିତ ପୁଞ୍ଜିକଣ୍ଟ ଛକରେ ଥିବା ହୋଟେଲ ସୁଇଟ ଲାଇଟରେ ଖାଉଥିଲେ। ଏହି ସମୟରେ ହଠାତ କେତେକ ଯୁବକ ସେଠାରେ ପହଞ୍ଚି ଆତଙ୍କରାଜ ଖେଳାଇବା ସହ ହୋଟେଲ ଭିତରେ ଖାଉଥିବା କୁରେଶୁଙ୍କୁ ଘେରି ଯାଇଥିଲେ। ବିଭିନ୍ନ ପ୍ରକାର ମାରଣାସ୍ତ୍ରରେ କୁରେଶୁଙ୍କୁ ସେମାନେ ଘାତକ ଆକ୍ରମଣ କରି ସେଠାରେ ହତ୍ୟା କରିଥିଲେ। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣ ପ୍ରସାଦ ପଟ୍ଟନାୟକ, ଏସ. ରାମକୁମାର ଓ ଶିଶିର ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

# ମାଆ-ବାପାଙ୍କୁ ମାଡ଼ମାରିବା ଅଭିଯୋଗରେ ପୁଅ ଗିରଫ

**ବ୍ରହ୍ମପୁର,୧୧।୧୨(ସମିସ):** ନିଜ ଜନ୍ମକଲା ମାଆ-ବାପାଙ୍କୁ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଖାରବେଳ ନଗର ନିବାସୀ ତଥା ଅଭିଯୋଗକାରୀଙ୍କ ପୁଅ ଅଶୋକ କୁମାର ପାଣିଗ୍ରାହୀ(୨୮)। ସୂଚନାଯୋଗ୍ୟ ଯେ, ଖାରବେଳନଗର ପ୍ରଥମ ଲାଇନରେ ସୁଦର୍ଶନ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ପାଣିଗ୍ରାହୀ ରୁହନ୍ତି। ସେମାନଙ୍କ ସହ ପୁଅ ଅଶୋକ ମଧ୍ୟ ଏକାଠି ରହନ୍ତି। ଅଶୋକ ପ୍ରତିଦିନ ମଦ୍ୟପାନ କରି ଆସି ଘର ଆସବାବପତ୍ର ଫିଙ୍ଗା ଫୋପଡା କରିବା ସହ ମାଆ-ବାପାଙ୍କୁ ଗାଳିଗୁଲଜ କରୁଥିଲେ। ବାରମ୍ବାର ବାପା ଓ ମାଆଙ୍କୁ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାରପିଟ ମଧ୍ୟ କରୁଥିଲେ ପୁଅ ଅଶୋକ। ଯାହାକୁ ନେଇ କିଛି ମାସ ପୂର୍ବେ ମାଆ-ବାପା ନିମଖଣ୍ଡି ଥାନାରେ ପୁଅ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଅଶୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିଦିନ ଜେଲରେ ରହିବା ପରେ ଜାମିନରେ ମୁକୁଳିଥିଲେ ଅଶୋକ। ଜାମିନ ମୁକୁଳିବା ପରେ ପୁଣି ଘରକୁ ଆସି ମାଆ-ବାପାଙ୍କୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ଗତ ୪ତାରିଖ ବିଳମ୍ବିତ ରାତିରେ ମାଆ ଓ ବାପା ଘରେ ଥିବା ସମୟରେ ପୁଅ ଅଶୋକ ଘରକୁ ଆସି ନିଜ ମାଆ ଓ ବାପାଙ୍କୁ ଗୋଇଠା ମାରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଏକ ଧାରୁଆ କାତିରେ ମାଆଙ୍କୁ ହାଣିବାକୁ ଉଦ୍ୟମ କରିବା ବେଳେ ବାପା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲା ପୁଅ ଅଶୋକ। ଘଟଣାକୁ ନେଇ ମାଆ ଗୀତାଞ୍ଜଳି ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ।



# ଗ୍ରିଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଲୁଟ୍, ମେଡିକାଲ୍ ପିଜି ହଷ୍ଟେଲରୁ ଚୋରି

**ବ୍ରହ୍ମପୁର,୧୧।୧୨(ସମିସ):** ସହରର ସକ୍ରିୟ ଲୁଟେରା ଗ୍ୟାଙ୍ଗ। ଗୋଟିଏ ପରେ ଗୋଟିଏ ତାଲା ବନ୍ଦ ଘରକୁ ଟାର୍ଗେଟ କରି ଲୁଟ୍ କରିବାରେ ସଫଳ ହେଉଛି ଏହି ଗ୍ୟାଙ୍ଗ। ମଙ୍ଗଳବାର ରାତିରେ ଝାଡ଼ାଙ୍କୁଲି ବଡ଼ସାହିରେ ଏକ ଘରୁ ଲକ୍ଷାଧିକ ଟଙ୍କା ଓ ରୂପା ସାମଗ୍ରୀ ଚୋରି ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଝାଡ଼ାଙ୍କୁଲି ବଡ଼ସାହି ନିବାସୀ ସିଦ୍ଧାନ୍ତ ମହାରଣାଙ୍କ ଘରର ପଛଭାଗରେ ଥିବା ଗ୍ରୀଲ ଭାଙ୍ଗି ଘରେ ଥିବା ରୂପା ସାମଗ୍ରୀ ଓ ନଗଦ ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ସେହିଭଳି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ତଥା ଏମକେସିଜି ମେଡିକାଲ କ୍ୟାମ୍ପସରେ ଥିବା ୩ନମ୍ବର ପିଜି ହଷ୍ଟେଲର ରୁମ ନମ୍ବର ୪୧୩ରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ରୁମରେ ଥିବା ଡାକ୍ତର ଆଶୁତୋଷ ପ୍ରସାଦ ପୃଷ୍ଟିଙ୍କ ଅଭିଯୋଗ କ୍ରମେ ଗତ ୯ତାରିଖ ରାତିରେ ରୁମରେ ଥିବା ମନିପର୍ସରୁ ଟଙ୍କା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଚୋରି ହୋଇଯାଇଛି। ଏନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଏମ୍‌ସିରେ କର୍ପୋରେଟରଙ୍କ ଗୋଷ୍ଠୀ ବିବାଦ ପ୍ରସଙ୍ଗ

# ୧୩ ପରେ ଫିଟିପାରେ ସମାଧାନର ବାଟ

**ବ୍ରହ୍ମପୁର,୧୧।୧୨(ସମିସ)**

୪୨ଜଣ କର୍ପୋରେଟରଙ୍କୁ ନେଇ ଗଠିତ ବ୍ରହ୍ମପୁର ମହାନଗର ନିଗମରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବିଜୁ ଜନତା ଦଳରେ କର୍ପୋରେଟରଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମନାନ୍ତର ନୁହେଁ ବରଂ ମତାନ୍ତର ଘଟିଛି। ଖାସ କରି ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନ ପ୍ରକଳ୍ପର ମୋଟ ଆୟରୁ ୪୦ ପ୍ରତିଶତ ଅର୍ଥ ପ୍ରାୟ ୬୩ ଲକ୍ଷ ଟଙ୍କା ତରବରିଆ ଭାବେ ଟ୍ରଷ୍ଟିଙ୍କୁ ପ୍ରଦାନ କରାଯିବାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ୩୬ ଜଣ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଏକ ରକମର ଫାଟ ସୃଷ୍ଟି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଦୁଇଗୋଷ୍ଠୀରେ ବିଭକ୍ତ ହୋଇ ନିଜନିଜ ଜିଦ୍‌ରେ ଅଟଳ ରହିଥିବାରୁ ପରିସ୍ଥିତି ଜଟିଳ ହୋଇଛି। ରାଜ୍ୟରେ ସାମ୍ପ୍ରତିକ ରାଜନୈତିକ ପାଣିପାଗକୁ ଦେଖିଲେ ଏଭଳି ଭୁଲ ବୁଝାମଣା ଦଳ ପାଇଁ କ୍ଷତିକାରକ ହୋଇପାରେ। ଏଣୁ ଏଭଳି ପରିସ୍ଥିତିରେ ଯେଭଳି ଅନ୍ୟକେହି ଗୋଳିଆ ପାଣିରୁ ଫାଇଦା ନନେବେ ସେଥିପ୍ରତି ସଜାଗ ଓ ସଚେତନ ହେବାକୁ ଦିନିକିଆ ବ୍ରହ୍ମପୁର ଗସ୍ତରେ ତଥା ଏକ ସାମାଜିକ କାର୍ଯ୍ୟରେ ଯୋଗଦେବାକୁ ଆସିଥିବା ବିଜେଡିର ରାଜ୍ୟ ଉପସଭାପତି ତଥା ବରିଷ୍ଠ ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଆସନ୍ତା ୧୩ତାରିଖରେ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଯଥା ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତି ସଂଘମିତ୍ରା ଦଳେଇଙ୍କ ସମେତ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ମଧ୍ୟ ଭୁବନେଶ୍ୱର ଡାକରା ହୋଇଥିବା ଜଣାପଡିଛି। ପୂର୍ବରୁ କର୍ପୋରେଟରଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ଜିଲ୍ଲା ସଭାପତି ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରିଥିବା ବେଳେ ପର୍ଯ୍ୟବେକ୍ଷକ ଦେବୀ ମିଶ୍ରଙ୍କ ବ୍ରହ୍ମପୁର ଗସ୍ତକାଳରେ ସେ ଉଭୟ ପକ୍ଷଙ୍କ ଠାରୁ ସମସ୍ତ ତଥ୍ୟ ଓ ମତାମତ ସଂଗ୍ରହ କରିଥିବା ନେଇ ସୂଚନା ଦେଇଛନ୍ତି ଜିଲ୍ଲା ସଭାପତି ଡାକ୍ତର ଚ୍ୟାଉପଟ୍ଟନାୟକ। ଏଭଳି ସମସ୍ୟାର ତୁରନ୍ତ ତଥା ସ୍ଥାୟୀ ସମାଧାନ ହୋଇଯିବା ଉଚିତ ବୋଲି ସେ କହିଛନ୍ତି।

ସେପଟେ ବରିଷ୍ଠ ନେତା ଦେବୀ ମିଶ୍ରଙ୍କ ଗସ୍ତକାଳରେ ସେ କର୍ପୋରେଟରମାନଙ୍କ ଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା କହିଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ଆସନ୍ତା ୧୩ତାରିଖରେ ନବୀନ ନିବାସରେ ଦଳର ସର୍ବମାନ୍ୟ ନେତା ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏନେଇ ଉଚ୍ଚସ୍ତରୀୟ ଆଲୋଚନା ହେବ ବୋଲି ସୂଚନା ଦେଇଛନ୍ତି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ତେବେ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ମନାନ୍ତରକୁ ନେଇ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ରାଜନୈତିକ ରୂପ ଦେବାକୁ ଅପଚେଷ୍ଟା କରୁଥିବା ସିଧାସଳଖ ଅଭିଯୋଗ ଆଣିଛନ୍ତି କିଛି କର୍ପୋରେଟର। ଏଭଳି ସ୍ଥିତିରେ ରାଜ୍ୟ ନେତୃତ୍ୱଙ୍କ ସହିତ ଆଲୋଚନାରୁ କି ନିଷ୍କର୍ଷ ବାହାରୁଛି ଏବଂ କର୍ପୋରେଟରଙ୍କ ମଧ୍ୟରେ ଥିବା ମନୋମାଳିନ୍ୟ ଦୂର ହେଉଛି କି ନାହିଁ ତାହା ଉପରେ ରହିଛି ସମସ୍ତଙ୍କ ନଜର।



- ଜିଲ୍ଲା ସଭାପତି, ପୂର୍ବତନ ବିଧାୟକ ଓ ମେୟରଙ୍କୁ ଭୁବନେଶ୍ୱର ଡାକରା
- ରାଜ୍ୟ ନେତୃତ୍ୱମଣ୍ଡଳୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି
- ଦୁଇଗୋଷ୍ଠୀର କର୍ପୋରେଟରଙ୍କଠାରୁ ମତାମତ ନେଇଛନ୍ତି ପର୍ଯ୍ୟବେକ୍ଷକ

■ ମହିଳା ସ୍ୱଚ୍ଛସାଥୀଙ୍କୁ ଧମକ

# ଦୁଇ କର୍ପୋରେଟରଙ୍କ ବିରୁଦ୍ଧରେ ମାମଲା ରୁଜୁ

**ବ୍ରହ୍ମପୁର,୧୧।୧୨(ସମିସ):** ବିଭିନ୍ନ ଦାବିରେ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଥିବା ମହିଳା ସ୍ୱଚ୍ଛସାଥୀ ଡି.ପାର୍ବତୀ ରେଡ୍ଡୀଙ୍କୁ ମହାନଗର ନିଗମର ଦୁଇ କର୍ପୋରେଟର ଧମକ ଦେଇଥିବା ନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ସମ୍ପୃକ୍ତ ଦୁଇ କର୍ପୋରେଟରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ମହିଳା ସ୍ୱଚ୍ଛସାଥୀ ପାର୍ବତୀଙ୍କୁ ବିନା କାରଣରେ ମିଥ୍ୟା ଆରୋପ ଦେଇ ଚାକିରିରୁ ବାହାର କରିବା ସହ ଏସଏଚଜି ନାଁରେ ଆସିଥିବା ମୁକ୍ତା ଯୋଜନାର ଟଙ୍କା ହଡପ କରିଥିବା ପ୍ରତିବାଦରେ ସେ ଏଭଳି ଧାରଣା ଦେଉଥିବା କହିଛନ୍ତି। ପୂର୍ବରୁ ସେ ଅଗଷ୍ଟ ଓ ପରେ ପୁଣି ସେପ୍ଟେମ୍ବର ୯ରେ ଧାରଣା ଦେଇଥିଲେ। କମିଶନରଙ୍କ ପ୍ରତିଶ୍ରୁତି ପ୍ରକାରେ ସେପ୍ଟେମ୍ବର ୧୧ତାରିଖରେ ତାଙ୍କ ମାମଲାର ବିଚାର କରାଯିବାକୁ ତାରିଖ ଧାର୍ଯ୍ୟ ହୋଇଥିଲା। କିନ୍ତୁ ୧୧ତାରିଖରେ ତାଙ୍କୁ ଦିଆଯାଇଥିବା ଚିଠି ପ୍ରକାରେ ବିଭିନ୍ନ ପକ୍ଷଙ୍କୁ ନଡାକି କିଛି ରାଜନେତା, ଓ ଅଧିକାରୀଙ୍କୁ ଡାକି ତାଙ୍କ ସ୍ୱର ଦବାଇବାକୁ ଚେଷ୍ଟା କରାଯାଇଥିଲା। ପାର୍ବତୀ ନ୍ୟାୟ ପାଇଁ ନିଜର ଧାରଣା ଜାରି ରଖିଥିବା ବେଳେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯାଉଛି ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କୁ ସୁରକ୍ଷା ଦେବା ସହ ଏଥିରେ ସମ୍ପୃକ୍ତ ଦୁଇ କର୍ପୋରେଟରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ପାର୍ବତୀ ରେଡୀ ନିଗମ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ନେଇ ବହୁ କର୍ପୋରେଟରମାନେ ଅତିରିକ୍ତ ଏସପିଙ୍କୁ ଭେଟି ପୂର୍ବରୁ ଅଭିଯୋଗ କରିଥିଲେ। ବର୍ତ୍ତମାନ ସେ କର୍ପୋରେଟରଙ୍କ ବିରୋଧରେ ଆଣିଥିବା ଅଭିଯୋଗ ମିଥ୍ୟା ଏବଂ ସେ କାହାରି ଚାପରେ ଆସି ଏଭଳି ମିଥ୍ୟା ଅଭିଯୋଗ ଆଣିଥିବା ଉଭୟ କର୍ପୋରେଟର ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ସିପିଆଇର ପ୍ରତିବାଦ ସଭା




**ବ୍ରହ୍ମପୁର,୧୧।୧୨(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପ୍ରତିବାଦ ସଭା କାମଦେବ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଥିଲା। ଏହି ସଭାରେ ବିକଳ୍ପ ଦୃଷ୍ଟିରୁ ଓଡ଼ିଶା କେନ୍ଦ୍ରୀୟ ଯୋଜନାରେ ଜାତୀୟ ଶିଳ୍ପାୟନ ଗଢ଼ିବାର ବ୍ୟବସ୍ଥା କରାଯିବାକୁ ମତପ୍ରକାଶ ପାଇଥିଲା। ରେଳ ଡବା ନିର୍ମାଣ କାରଖାନା ଓ ଇଲେକ୍ଟ୍ରିକ ରେଳ ଲୋକ ମୋଟିଭ କାରଖାନା ନିମାଣ ପ୍ରତିଷ୍ଠା କରିବାକୁ ଦାବି କରାଯାଇଥିଲା। ଓଡ଼ିଶାର ଇଷ୍ଟକୋଷ୍ଟ ରେଳବାଇ ଜୋନ ବିଭାଜନ ବନ୍ଦ କରିବା ସହ ପୁଞ୍ଜିପତି ଆଦାନୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଶ୍ରୀ ନାହାକ ମତବ୍ୟକ୍ତ କରିଥିଲେ। ଆଦାନୀ କମ୍ପାନୀ ଗୋଷ୍ଠୀଦ୍ୱାରା ବିଭିନ୍ନ ସମ୍ବଳ ନଷ୍ଟର ଜେ. ପି. ସି ତଦନ୍ତ କରି ଗୌତମ ଆଦାନୀଙ୍କୁ ଗିରଫ କରିବାକୁ ସେ ଦାବି କରିଥିଲେ। ସଭାରେ ଯୁବସଂଘର ରାଜ୍ୟ ସଭାପତି ପ୍ରଦୀପ ସେଠି, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ନେତା ପୂର୍ବତନ ବିଧାୟକ ନାରାୟଣ ରେଡୀ, ଭାନୁମତି ରେଡୀ, ସୀମାଚଳ ସାହୁ, ଦାନାଦନ ରେଡୀ, କୃଷ୍ଣା ରେଡୀ, ଶ୍ରମିକ ନେତା ପ୍ରବୀଣ କୁମାର ଦାଶ, ନୀଳକଣ୍ଠ ଦାଶ, ରବୀନ୍ଦ୍ର କୁମାର ନାୟକ, ମହମ୍ମଦ ଉଷାମାନ, ଅଳକନାଥ ମିଶ୍ର, ପ୍ରଚାନନ୍ଦ ସ୍ୱାଇଁ, ପ୍ରଫୁଲ୍ଲ ଜେନା, ରୋହିତ ବିଷୋୟୀ, ମହେନ୍ଦ୍ର ପାତ୍ର, ନବୀନ ଗୌଡ଼, ବାପି ଆଚାରୀ ଦୈତାରୀ ରେଡୀ ପ୍ରମୁଖ ଯୋଗ ଦେଇଥିଲେ।

● '୧୦୮'ସେବା ବାଧାପ୍ରାପ୍ତ

# ଚାଳକଙ୍କ ଆନ୍ଦୋଳନ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ବ୍ରହ୍ମପୁର,୧୧।୧୨(ସମିସ):** ସାରା ରାଜ୍ୟରେ ୧୦୮ଆମ୍ବୁଲାନ୍ସ ଜରୁରିକାଳୀନ ସେବା ବନ୍ଦ ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ଏମକେସିଜି ମେଡିକାଲରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରୁ ୧୦୮ଆମ୍ବୁଲାନ୍ସ ଜରୁରିକାଳୀନ ସେବା ବନ୍ଦ ରହିଛି। ଫଳରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୦୮ଆମ୍ବୁଲାନ୍ସ କର୍ମଚାରୀ ୭ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବିପୂରଣ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ୧୦୮ ଆମ୍ବୁଲାନ୍ସ କର୍ମଚାରୀ କହିଛନ୍ତି। ଏଭଳି ଦାବି ନେଇ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଆମ୍ବୁଲାନ୍ସ ଡ୍ରାଇଭର, ଫର୍ମାଷ୍ଟିକ ଓ ଆଟେଣ୍ଡାଣ୍ଟ ଆନ୍ଦୋଳନରତ ଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡ଼ା. ବିଜୟ କୁମାର ପଣ୍ଡା କହିଛନ୍ତି ଜିଲ୍ଲାରେ ଥିବା ୧୦୨ ଆମ୍ବୁଲାନ୍ସ ଦ୍ୱାରା ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି।

# ମଣ୍ଡଳ କାରାଗାରରେ କାରା ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର,୧୧।୧୨(ସମିସ):** ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ଓଡ଼ିଶା କାରା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାରାଗାରର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିବେକ୍ଷଣ ଅଧିକାରୀ ବିଜୟଚନ୍ଦ୍ର ରଥ ପରିଚାଳନା କରିଥିଲେ। ପୂର୍ବରୁ ପୁରୁଷ ଅନ୍ତେବସୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଯଥା କ୍ୟାରମ୍, ଚେସ, ଲୁଡୁ, ରଚନା, କୁଇଜ, ନୃତ୍ୟ, ସଂଗୀତ, ଭଲିବଲ ଏବଂ ମହିଳା ଅନ୍ତେବାସୀଙ୍କ ମଧ୍ୟରେ ଅନୁଷ୍ଠିତ ହୁଳୁହୁଳି, ରଙ୍ଗୋଲି, ମ୍ୟୁଜିକ ଚେୟାର, ଲେମନ ସ୍ପୁନ, ଲୁଡୁ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଆଜି ପୁରସ୍କୃତ କରାଯାଇଥିଲା। ବେଷ୍ଟ ଟର୍ନ ଆଉଟ ପାଇଁ ୧୧ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ଶୃଙ୍ଖଳା ୱାର୍ଡ ଟ୍ରଫି ଓ ଶ୍ରେଷ୍ଠ ସଫେଇ ୱାର୍ଡ ଟ୍ରଫି ସହ ୧୦ଜଣ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା। ୧୪ କାରା କର୍ମଚାରୀ ଓ ୧୧୦ ଅନ୍ତେବାସୀଙ୍କୁ କମେଣ୍ଡେସନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ତେବାସୀଙ୍କ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାରାପାଳ ଲକ୍ଷ୍ମୀକାନ୍ତ ଧାଙ୍ଗଡାମାଝି ଧନ୍ୟବାଦ ଦେଇଥିଲେ।

# ପୁଲିସ କର୍ମଚାରୀଙ୍କୁ ଆକ୍ରମଣ

**ବ୍ରହ୍ମପୁର,୧୧।୧୨(ସମିସ):** ନିମଖଣ୍ଡି ଥାନାରେ କାର୍ଯ୍ୟରତ ପୁଲିସ କର୍ମଚାରୀ ଅଜୁ କୁମାର ସାହୁଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଯୋଗିଆପଲ୍ଲୀ ରାସ୍ତାରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ପଥର ମାଡ଼ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ ପୁଲିସ କର୍ମଚାରୀ ଅଜୁ ନିଜ ଡ୍ୟୁଟି ସାରି ଘରକୁ ବାଇକରେ ଫେରୁଥିବା ବେଳେ ଲୋଚାପଡା-ଯୋଗିଆପଲ୍ଲୀ ରାସ୍ତାରେ ୨ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ଦୁର୍ବୃତ୍ତ ତାଙ୍କୁ ପଥର ମାଡ଼ କରିଥିଲେ। ଏଥିରେ ଅଜୁଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଆସିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଯୁବକଙ୍କୁ ଆକ୍ରମଣ; ସୁନାଚେନ୍ ଓ ଟଙ୍କା ଲୁଟ୍

ବ୍ରହ୍ମପୁର,୧୧।୧୨(ସମିସ): ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡଖେମୁଣ୍ଡି ସାହିର ସୁଧୀର କୁମାର ପାଢ଼ୀ ନାମକ ଜଣେ ଯୁବକଙ୍କୁ ଆକ୍ରମଣ ପରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତି ସାଢେ ୯ଟା ବେଳେ ସେ ଅକ୍ସଫୋର୍ଡ ସ୍କୁଲ ରାସ୍ତାରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏହାପରେ ଦୁର୍ବୃତ୍ତ ତାଙ୍କ ଠାରୁ୨ ଭରି ଓଜନର ସୁନା ଚେନ ଓ ୨ ହଜାର ଟଙ୍କା ଲୁଟି ନେଇଯାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଡିଇଓଙ୍କ କାର୍ଯ୍ୟାଳୟରେ ନାହାନ୍ତି ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଧିକାରୀ

# ୫ ବର୍ଷ ଧରି ପଦବୀ ଖାଲି; କାର୍ଯ୍ୟାଳୟରେ ରହୁନି ତଥ୍ୟ

**ବ୍ରହ୍ମପୁର,୧୧।୧୨(ସମିସ)**

ସରକାରୀ କାର୍ଯ୍ୟାଳୟଗୁଡିକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ସମସ୍ତ ପଦବୀରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥାଏ। ଉକ୍ତ କର୍ମଚାରୀଙ୍କ ମାଧ୍ୟମରେ କାର୍ଯ୍ୟାଳୟ ପରିଚାଳନା ସମେତ ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟଏକ କାର୍ଯ୍ୟାଳୟକୁ ତଥ୍ୟ ନେଣଦେଣ କରିବାରେ ସୁବିଧା ହୋଇଥାଏ। କିନ୍ତୁ ବର୍ତ୍ତମାନ ଅନେକ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବହୁ ପଦବୀ ଖଲିପଡ଼ିଥିବା ଦେଖିବାକୁ ମିଳୁଛି। କର୍ମଚାରୀଙ୍କ ଅଭାବ କାରଣରୁ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ କାର୍ଯ୍ୟଭାର ବେଶ ପଡୁଛି। ଫଳସ୍ୱରୁପ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆବଶ୍ୟକୀୟ ତଥ୍ୟ ଉପଲବ୍ଧ ହେବାରେ ସମସ୍ୟା ସୃଷ୍ଟି ହେଉଛି। ଅନେକ ବିଭାଗରେ ତଥ୍ୟ ସଂରକ୍ଷିତ ରଖିବା ପାଇଁ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟରେ ଜଣେ ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ (ଅତିରିକ୍ତ ପରିସଂଖ୍ୟାନ) ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ। ସେହିକ୍ରମରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଜଣେ ବ୍ୟୁରୋ ଅଫ ଇକୋନୋମିକ୍ସ ଏଣ୍ଡ ଷ୍ଟାଟିଷ୍ଟିକସ ବିଭାଗରୁ ଜଣେ ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ବିଗତ ୫ବର୍ଷରୁ ଉଦ୍ଧ୍ୱର୍ କାଳ ଧରି ଏହି ପଦବୀ ଖାଲି ପଡ଼ିଛି। ଫଳରେ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ବିଭିନ୍ନ ତଥ୍ୟ ହାସଲ ନିମନ୍ତେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଜିଲ୍ଲା ଶିକ୍ଷାବିଭାଗ ଅଧିନରେ କେତେ ସଂଖ୍ୟକ କୋଠା, ଗାଡ଼ି, କର୍ମଚାରୀ ସମେତ ଆସବାବପତ୍ର ରହିଛି। ତାହାର ହିସାବ ସାଙ୍ଗକୁ କେଉଁ ପଦବୀରେ କେତେ ସଂଖ୍ୟକ କର୍ମଚାରୀ ଖାଲି ପଡ଼ିଛି। ଏଭଳି କାର୍ଯ୍ୟାଳୟର ବିଭିନ୍ନ ତଥ୍ୟ ସଂଗ୍ରହ କରିବା ଦାୟିତ୍ୱ ଜଣେ ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଧିକାରୀଙ୍କର। କିନ୍ତୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ୨୦୧୯ମସିହା ଜୁଲାଇ ୩୧ତାରିଖରୁ ଖାଲି ପଡ଼ିଥିବା କାରଣରୁ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଉପଯୁକ୍ତ ତଥ୍ୟ ମିଳିବାରେ ସମସ୍ୟ ହେଉଛି। ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଲାଲ ବିହାରି ବେହେରାଙ୍କ ଅବସର ପରଠାରୁ ଉକ୍ତ ପଦବୀ ଖାଲି ପଡିଥିବା ଜଣାପଡିଛି। ଖାଲି ପଡ଼ିଥିବା ପଦବୀ ଓ ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ବିଭାଗକୁ ଅବଗତ କରାଯାଇଛି। କିନ୍ତୁ ଷ୍ଟାଟିଷ୍ଟିକ୍ସ ବିଭାଗ ପକ୍ଷରୁ ଉକ୍ତ ପଦବୀ ପୂରଣ କରାଯିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ କାର୍ଯ୍ୟାଳୟର ସମସ୍ତ ପ୍ରକାର ତଥ୍ୟ ସଂଗ୍ରହ ଠାରୁ ଆରମ୍ଭ କରି ବିଭିନ୍ନ ହିସାବ ରଖିବାକୁ କର୍ମଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏଭଳି କ୍ଷେତ୍ରରେ ଜିଲ୍ଲା ଶିକ୍ଷାବିଭାଗ ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରିବାରେ କଷ୍ଟକର ହେଉଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ତୁରନ୍ତ ପୂରଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# କେନ୍ଦ୍ରାପଡ଼ାରେ 'ଶିଳ୍ପ' ପ୍ରତିଷ୍ଠା କେବେ?

ପଟ୍ଟାମୁଣ୍ଡାଇ,୧୧।୧୨(ସମିସ): ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବା ନେଇ ବିଭିନ୍ନ ସମୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଶିଳ୍ପ ପ୍ରତିଷ୍ଠା ହେଲେ କେନ୍ଦ୍ରାପଡ଼ାର ଲୋକମାନେ ବିଶେଷ କରି ଯୁବ ଗୋଷ୍ଠୀ କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ ଆଉ ବାହାର ରାଜ୍ୟ କିମ୍ବା ବାହାର ଦେଶକୁ ଦାଦନ ଖଟିବାକୁ ଯିବେ ନାହିଁ। କିନ୍ତୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହେବା ସ୍ୱପ୍ନରେ ରହିଯାଇଛି। ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଲେ ମଧ୍ୟ ସରକାର ଏହା ଉପରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଗତ ସରକାର ସମୟରେ ତତ୍କାଳୀନ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ୨୦୨୩ ଫେବୃଆରି ୩ ତାରିଖରେ କେନ୍ଦ୍ରାପଡ଼ା ଗସ୍ତରେ ଆସି ବର୍ଷ ଶେଷ ସୁଦ୍ଧା ଜିଲ୍ଲାକୁ ଶିଳ୍ପ ଆସିବ ବୋଲି ଘୋଷଣା କରିବା ସହିତ ସରକାରଙ୍କ ନିକଟରେ ୧୭ଟି ଶିଳ୍ପ ପ୍ରସ୍ତାବ ବିଚାରାଧୀନ ଥିବା ସୂଚନା ଦେଇଥିଲେ। କିନ୍ତୁ ନିର୍ବାଚନ ପରେ ସରକାର ବଦଳିଯାଇଛି। ଇତି ମଧ୍ୟରେ ୨୦୨୪ ସରିବାକୁ ବସିଲାଣି। କିନ୍ତୁ ରାଜ୍ୟରେ କ୍ଷମତାଶୀନ ନୂତନ ସରକାର ଜିଲ୍ଲାବାସୀଙ୍କ ଶିଳ୍ପ ସ୍ୱପ୍ନକୁ ସାକାର କରିବା ପାଇଁ ପଦକ୍ଷେପ ନେଲେ ନାହିଁ। ସବୁ କିଛି କେବଳ କାଗଜପତ୍ର, ଚୁକ୍ତିନାମା ସ୍ୱାକ୍ଷରରେ ହିଁ ସୀମିତ ରହିଯାଇଛି। ୨୦୧୨ ମସିହାରେ ମାର୍ଶାଘାଇର କଳାଗଡ଼ଠାରେ ୨୮୭୬ କୋଟି ବ୍ୟୟରେ ୭୫୦ମେଗା ୱାଟ୍‌ର ଓଡ଼ିଶା ପାୱାର୍ କନ୍ସୋର୍ଟିୟମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଗ୍ୟାସ୍ ପ୍ରକଳ୍ପ ଅନୁମୋଦନ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ମହାକାଳପଡ଼ାର ଅଳାଇଲୋ ଥର୍ମାଲ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହେଲାନାହିଁ। ଏହି ଶିଳ୍ପ ପ୍ରକଳ୍ପ ପାଇଁ ୬୭୧୦କୋଟି ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ୧୩୨୦ ମେଗାୱାଟ୍ ବିଶିଷ୍ଟ ପ୍ରକଳ୍ପ ପାଇଁ ତତ୍କାଳୀନ ରାଜ୍ୟ ସରକାର ୨୦୧୧, ଜାନୁଆରୀ ପ୍ରଥମ ସପ୍ତାହରେ ଏସ୍‌ପିଏଲ୍ ପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ସହିତ ଚୁକ୍ତି କରିଥିଲେ। ଏହି ପ୍ରକଳ୍ପ ପାଇଁ ମହାକାଳପଡ଼ା ଅନାଇଲୋ-ଓଳିହୋ ପାଟରେ ଥିବା ୧୦ ହଜାର ଏକର ଜମି ଚିହ୍ନଟ ହୋଇଥିଲା। ୨୦୨୦ ମସିହାରୁ ମହକାଳପଡ଼ାର ଯଦୁପୁରରେ ୧୦୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବିଶାଳ ଶୀତଳଭଣ୍ଡାର, ଗୋଦାମ ଘର, ଟ୍ରକ୍ ପାର୍କିଂ ପାଇଁ ଜାଗା ଚିହ୍ନଟ ହୋଇଥିଲା। ଶ୍ରାବଣ ସିଫି ସିଭିସେସ୍ ସଂସ୍ଥା କାମ କିନ୍ତୁ ଆରମ୍ଭ କଲାନାହିଁ। ୨୦୨୧, ଡିସେମ୍ବର ୧୭ତାରିଖରେ ଆର୍ସେଲର-ମିତ୍ତଲ-ନିପନ୍ ଷ୍ଟିଲ୍ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରି ଦେଇଥିଲେ। ମୋଟ୍ ୧.୨ଲକ୍ଷ କୋଟି ବ୍ୟୟ ଅଟକଳରେ ୨୪ ମେଟ୍ରିକ୍ ଟନ୍‌ର କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା, ବାର୍ଷିକ ୧୮.୭୫ ମେଟ୍ରିକ୍ ଟନ୍‌ର ସିମେଣ୍ଟ କାରଖାନା କାର୍ଯ୍ୟକ୍ଷମ ହୋଇଥିଲେ ପ୍ରାୟ ୧୬ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥାନ୍ତା। ଏଥିପାଇଁ ମହାକାଳପଡ଼ାର ରାମନଗର, ଖରିନାସୀ, ବତୀଘର ଆଦି ପଞ୍ଚାୟତର ୧୦ ହଜାର ୪୪୧ ଏକର ପରିମିତ ଜାଗା ଚିହ୍ନଟ କରାଯାଇଥିଲା। ଅଧିଗ୍ରହଣ ପାଇଁ ନୋଟିସ୍ ମଧ୍ୟ ହୋଇଥିଲା। ଖରିନାସୀ ମୌଜାର ୧୦୦ଏକର ଜମିକୁ ଇଡ୍‌କୋ ହାତକୁ ମଧ୍ୟ ଦିଆଯାଇଥିଲା। ଏଥି ପାଇଁ ସଂଯୋଗୀକରଣ ରାସ୍ତା ପାଇଁ ୧୦୪ କୋଟିରୁ ଅଧିକ ଟଙ୍କା ବ୍ୟୟରେ ମାର୍ଶାଘାଇ- ଜମ୍ବୁ କେନାଲ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ସେହିପରି ୨୦୨୨ରେ ୨୧୫କୋଟି ବ୍ୟୟରେ ହେବାକୁ ଥିବା ବ୍ରହ୍ମପୁତ୍ର ବାୟୋକେମ୍ ପ୍ରାଇଭେଟ୍ ଲିମିଟେଡ୍ ଓ ୨୦୨୩ରେ କୈବଲ୍ୟ ଲଜିଷ୍ଟିକ୍ସ, ୱେଲଗୁନ୍ ଲିଙ୍କିଂ ଲିମିଟେଡ୍ ଆଣ୍ଡ ଟେକ୍ସଟାଇଲ୍ ସ୍ଥାପନ ପାଇଁ ମଧ୍ୟ ସରକାର ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। କିନ୍ତୁ ଇତିମଧ୍ୟରେ ସରକାର ପରିବର୍ତ୍ତନ ହୋଇସାରିଥିବା ପରିପ୍ରେକ୍ଷୀରେ ଏହି ସବୁ ପ୍ରକଳ୍ପ ପ୍ରତିଷ୍ଠା ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବର୍ତ୍ତମାନର ସରକାର ମଧ୍ୟ ଶିଳ୍ପ ପ୍ରତିଷ୍ଠା କରାଯିବା ନେଇ ଆଶାବାଦୀ ଥିବା ଓ ଏ ଦିଗରେ ସମସ୍ତ ଯୋଜନା ସରକାରୀ ସ୍ତରରେ ପ୍ରସ୍ତୁତ ଚାଲିଥିବା ପ୍ରଚାର ହେଉଥିଲେ ବି ଆଗାମୀ ପାଞ୍ଚ ବର୍ଷ ଭିତରେ ଶିଳ୍ପ ମାନଚିତ୍ରରେ କେନ୍ଦ୍ରାପଡ଼ାକୁ ଯୋଡ଼ିବାରେ ସରକାର କେତେଦୂର ସକ୍ଷମ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

**ଘୋଷଣା, ଚୁକ୍ତିନାମା କେବେ ନେବ ବାସ୍ତବ ରୂପ**

## ଟାଟା ପାୱାର ରାଜକନିକା ସେକ୍ସନର ମନମାନି



ରାଜକନିକା,୧୧।୧୨(ସମିସ): ଅତ୍ୟନ୍ତ ଖାମଖିଆଲ ଆଉ ବେପରୁଆ ଭାବରେ ଚାଲିଛି ରାଜକନିକା ସେକ୍ସନରେ ବିଜୁଳି ଯୋଗାଣ। କେଉଁଠି ଦାଣ୍ଡ ମଝିରେ ଖୁଣ୍ଟ ଥାଇ କଂକ୍ରିଟ ରାସ୍ତା ହେଉଛି ତ ଆଉ କାହା ଚାଳ ଉପରେ ବିଜୁଳି ଖୁଣ୍ଟ ଡେରି ହେଇ ରହିଛି। ବିପଦପୂର୍ଣ୍ଣ ଭାବରେ ଲୋକେ ଡରି ରହି ବିଜୁଳି ବିଭାଗର ଏଭଳି ବେପରୁଆ ଆଚରଣର ଶୀକାର ହୋଇ ଧନ ଜୀବନ ହରାଉଛନ୍ତି। ରାଜକନିକା ଗ୍ରାମାଞ୍ଚଳରେ ଥିବା ବହୁ ପୁରୁଣା ଲୁହା ବିଜୁଳି ଖୁଣ୍ଟକୁ ଭରସା କରି ଏବର ଟାଟା ପାୱାର ବିଜୁଳି ଯୋଗାଣ ଜାରି ରଖିଥିବା ବେଳେ ଅଭିଯୋଗ ଦେଲେ ବି ସ୍ଥିତିରେ ସୁଧାର ହେଉନାହିଁ। ଫଳରେ ଜୟକୁଣ୍ଡା ଗାଁ ଦାଣ୍ଡରେ ଖଗେଶ୍ୱର ବେହେରାଙ୍କ ଚାଳ ଘର ଉପରକୁ ମୂଳ ଖାଇଯାଇଥିବା ଏକ ବିଜୁଳିଖୁଣ୍ଟ ଢ଼ଳି ରହିଛି। ଗତ ବାତ୍ୟା ସମୟରେ ଏହି ବିପଦପୂର୍ଣ୍ଣ ଖୁଣ୍ଟକୁ ହଟାଇବାକୁ ଅଭିଯୋଗ ଦିଆଯାଇ ଥିଲେ ବି ଖୁଣ୍ଟ ସେମିତି ରହିଛି। ଏହି ଖୁଣ୍ଟକୁ ସିଧା କରିବାକୁ ଏକ କଞ୍ଚା ଗଛ ଡାଳରେ ବନ୍ଧା ଯାଇଛି। କାଳିକାପୁର ଗାଁ ଦାଣ୍ଡରେ କୁନା ବିଶ୍ୱାଳଙ୍କ ଘର ଆଗରେ ଏକ ଖୁଣ୍ଟ ମଝି ଦାଣ୍ଡରେ ଥାଇ ତା ଚାରିପଟେ କଙ୍କ୍ରିଟ୍ ହେବା ପରେ ଲୋକ ଯାତାୟତ କରୁଛନ୍ତି। ମଝି ଦାଣ୍ଡରେ ଥିବା ଏହି ଖୁଣ୍ଟକୁ ଉଠାଇବାକୁ ଟାଟା ପାୱାର (ଟିପିସିଓଏଲ) ଜୁନିଅର ମ୍ୟାନେଜର ଗତ କାଳୀପୂଜାରେ କହି ଏବେ ଚୁପ ଥିବାରୁ ସେଠାରେ ଦୈନିକ ଦୁର୍ଘଟଣା ବଢ଼ିଛି। ଏ ସମ୍ପର୍କରେ ସମ୍ପୃକ୍ତ ଜୁନିଅର ମ୍ୟାନେଜରଙ୍କୁ ବାରମ୍ବାର କହିବା ପରେ ବି ସେ ଆଜି ହେବ କାଲି ହେବ କହି ଦିନ ଗଡ଼ାଉଛନ୍ତି। ରାଜକନିକା ବିଦ୍ୟୁତ୍ ସେକ୍ସନର ଏହି ଯନ୍ତ୍ରୀଙ୍କ ଅପରିଣାମଦର୍ଶୀ ମନୋଭାବରୁ ଧନଜୀବନ କ୍ଷତି ହେବାର ଆଶଙ୍କ ସୃଷ୍ଟି ହୋଇଛି

**ସାଧାରଣ ଜୀବନ ବିପନ୍ନ**

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତାଯଜ୍ଞ ପାଇଁ ପ୍ରସ୍ତୁତି

ରାଜନଗର, ୧୧।୧୨ (ସମିସ): ପ୍ରଜ୍ଞାନ ମିଶନ ରାଜନଗର ଶାଖା ପକ୍ଷରୁ ଚଳିତ ମାସ ୧୫, ୧୬ ଓ ୧୭ ତାରିଖ ୩ଦିନ ଧରି ଗୀତାଜ୍ଞାନ ଯଜ୍ଞ ରାଜନଗର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଜ୍ଞାନ ମିଶନ ପକ୍ଷରୁ ରାଜନଗର ହଂସୁଆ ତଟବର୍ତ୍ତୀ ପୂର୍ତ୍ତ ଡାକବଙ୍ଗଳା ଠାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ସୂଚନା ପ୍ରଦାନ କରାଯାଇଛି। ପ୍ରଜ୍ଞାନ ମିଶନର ସନ୍ଥ ଅନିର୍ବାଣାନନ୍ଦ ଗିରି ଯୋଗଦେଇ ଗୀତାଯଜ୍ଞର କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ୧୫ ତାରିଖ ସଂଧ୍ୟା ୫ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ଭଜନ ସମାରୋହ, ୬ଟା ୩୦ ରୁ ୮ଟା ୩୦ ପର୍ଯ୍ୟନ୍ତ ଗୀତା ସତ୍‌ସଙ୍ଗ ଅନୁଷ୍ଠିତ ହେବ। ୧୫ ଓ ୧୬ ତାରିଖ ସଂଧାରେ ସ୍ୱାମୀ ନିତ୍ୟ ପ୍ରେମାନନ୍ଦ ଗିରି ଗୀତା ସତ୍‌ସଙ୍ଗରେ ଯୋଗଦେଇ ଗୀତାଜ୍ଞାନ ଉପରେ ଦୀକ୍ଷାନ୍ତ ଆଲୋଚନା କରିବେ। ୧୭ ତାରିଖ ସକାଳ ୮ଟା ସମୟରେ ଗୋସିଗାଁ ସ୍ଥିତ ଶ୍ରୀ ଗର୍ତ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ କ୍ରୀୟାଯୋଗ ଦୀକ୍ଷା କାର୍ଯ୍ୟକ୍ରମ କରାଯିବ। ଏଥିରେ ଜାତି ଧର୍ମ ବର୍ଣ୍ଣ ବୟସ ନିର୍ବିଶେଷରେ ସମସ୍ତ ଜନସାଧାରଣ ଯୋଗଦେବା ସହିତ ଏହି କ୍ରୀୟାଯୋଗ ସାଧନ କୌଶଳ ଶିକ୍ଷାଲାଭ କରିବା ସହିତ ସମାଜ ଗଠନ ଓ ବ୍ୟକ୍ତି ନିର୍ମାଣ କ୍ଷେତ୍ରରେ ସଫଳତା ଲାଭ କରିପାରିବେ ବୋଲି ସୂଚନା ଦେଇଛନ୍ତି। ୧୭ ତାରିଖ ସଂଧାରେ ଅନ୍ତର୍ଜାତୀୟ କ୍ରୀୟାଯୋଗ ସଂସ୍ଥାର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଗୀତାଯଜ୍ଞର ଆଭିମୁଖ୍ୟ ଏବଂ ଗୀତାର ସାରମର୍ମ ଉପରେ ପ୍ରବଚନ ଦେବେ ବୋଲି ସନ୍ଥ ସ୍ୱାମୀ ଅନିର୍ବାଣାନନ୍ଦ ଗିରି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନିଲ କୁମାର ଦାସ, ସତ୍ୟବାଦୀ ଜେନା ଓ ପାରେଶ୍ୱର ଦାସ ପ୍ରମୁଖ ପରିଚାଳନା କରିଥିଲେ।



**ବେପରୁଆ ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ**

## ପଞ୍ଚୁପାଣ୍ଡବ ଛକରେ ରାସ୍ତା ପାଉନାହାନ୍ତି ଯାତ୍ରୀ



**ଅଧ କିଲୋମିଟର ବୁଲିବାକୁ ପଡୁଛି**

ପଞ୍ଚୁପାଣ୍ଡବ,୧୧।୧୨ (ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ପଞ୍ଚୁପାଣ୍ଡବ ଛକଠାରେ ଲୋକେ ଯିବା ଆସିବା କରିବା ପାଇଁ ନାନା ପ୍ରକାର ସମସ୍ୟା ଭୋଗୁଛନ୍ତି। ଏହି ୫୩ ନମ୍ବର ଜାତୀୟ ରାଜପଥର ୪ ଲେନ ରହିଥିବା ବେଳେ ଏବେ ଏହାକୁ ୮ ଲେନ କରାଯାଉଛି। ହେଲେ ଡେରାବିଶ ବ୍ଲକ ପଞ୍ଚୁପାଣ୍ଡବ ଛକଠାରେ ଠିକାଦାର ମାନେ ଏମିତି କାମ କରୁଛନ୍ତି, ଲୋକେ ଏପଟରୁ ସେପଟକୁ ଯିବା ଆସିବା କରିବା ପାଇଁ ପ୍ରାୟ ଅଧ କିଲୋମିଟର ଦୂର ବୁଲିବାକୁ ପଡୁଛି। କିଛି ବାଇକ୍ ଚାଳକ ମାନେ ଭୁଲ ବାଟରେ କିଛି ବାଟ ଯାଇ ପୁଣି ଫେରୁଥିବା ଦେଖିବାକୁ ମିଳୁଛି। କିଛି ଜାଗାରେ ପୁଳା ପୁଳା ମାଟି ପଡିଛି। କେତେ ଜାଗାରେ ରାସ୍ତା କାମରେ ଲାଗିଥିବା ବଡ଼ବଡ଼ ଟ୍ରକ୍ ଠିଆ ହୋଇ ଥିବା ଦେଖିବାକୁ ମିଳୁଛି। ଗାଡ଼ି ମଟର ଯିବା ଦୂରର କଥା , ଚାଲିକି ଏ ପଟରୁ ଆର ପଟକୁ ଲୋକେ ଯିବାକୁ ହଇରାଣ ହରକତ ହେଉଛନ୍ତି। ପଞ୍ଚୁପାଣ୍ଡବ ଛକଠାରେ ସବୁ ସମୟରେ ଜନ ଗହଳି ଲାଗି ରହିଥାଏ। ତୁରନ୍ତ ଯିବା ଆସିବା ରାସ୍ତାର ସମସ୍ୟା ଦୂର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାତୀୟ କ୍ରୀଡ଼ାରେ ଚମକିଲେ ଡିଏଭି ପିପିଏଲ୍‌ର ଛାତ୍ରୀ ଶୁଭଲକ୍ଷ୍ମୀ



ପାରାଦୀପ, ୧୧।୧୨ (ସମିସ) : ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପିପିଏଲ୍ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଶୁଭଲକ୍ଷ୍ମି ମହାପାତ୍ର ୧୪ ବର୍ଷରୁ କମ୍ ବାଳିକା ୫୦ କିଲୋ ବର୍ଗର କରାଟେରେ ୨ୟ ସ୍ଥାନ ହାସଲ କରି ରାଜ୍ୟ ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଦିଲ୍ଲୀ ଏନ୍‌ସିଆର ଠାରେ ଆୟୋଜିତ ହୋଇଥିଲା। ଏହି ଜାତୀୟ ଡିଏଭି ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଦେଶର ପ୍ରାୟ ୨୦,୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିଏଭି ପିପିଏଲ ସ୍କୁଲର ଛାତ୍ରୀ କୁମାରୀ ଶୁଭଲକ୍ଷ୍ମି ମହାପାତ୍ର ହରିଆନା, ପଞ୍ଜାବ ଓ ଛତିଶଗଡ଼ ରାଜ୍ୟର ଖେଳାଳୀମାନଙ୍କୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ବିହାର ଠାରୁ ଅତି କମ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଡିଏଭି ପିପିଏଲ ପାରାଦ୍ୱୀପର ୧୭ ବର୍ଷରୁ କମ ବୟସର ବର୍ଗ ରେ ପ୍ରଥମ ଥର ଜାତୀୟ ସ୍ତରରେ ପ୍ରଥମ ଥର ଅଂଶ ଗ୍ରହଣ କରି ସେମିଫାଇନାଲ ଖେଳିବାର ସୁଯୋଗ ପାଇଛନ୍ତି। ହକି ଦଳ ପୂର୍ବବର୍ଷର ବିଜୟୀ ଦଳ ଝାଡଖଣ୍ଡ ଠାରୁ ସେମିଫାଇନାଲରେ ପରାସ୍ତ ହୋଇଥିଲେ। ପ୍ରଥମ ମ୍ୟାଚଟିକୁ ୨-୦ ଗୋଲ୍‌ରେ ଗତବର୍ଷର ୩ୟ ସ୍ଥାନ ବିଜେତା ବିହାର ଠାରୁ ଜିତିଥିଲେ। ଡିଏଭି ପିପିଏଲର ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ ଓ ଅନ୍ୟ ଶିକ୍ଷକଶିକ୍ଷୟତ୍ରୀ ମାନେ ସମସ୍ତ ଖେଳାଳୀ ଓ କୋଚ ଶ୍ରୀ ଶାଶ୍ୱତ କୁମାର ଭାରତୀୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦ୍ୟାଳୟ ପରିସର ମଧ୍ୟରେ ସ୍ୱାଗତ କରିଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ବ୍ୟବସ୍ଥା ପିପିଏଲ୍ ପାରାଦ୍ୱୀପ ତରଫରୁ ଯୋଗାଇ ଦିଆଯାଇଥିଲା।

**ହକିକୁ ମିଳିଲା ଚତୁର୍ଥ ସ୍ଥାନ**

## ଦୁଷ୍କର୍ମକାରୀକୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୧୧।୧୨(ସମିସ): ଏକ ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ସେସନ୍ସ ଜଜ ଫାଷ୍ଟ ଟ୍ରାକ କୋର୍ଟ ବୁଧବାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୯ ମାର୍ଚ୍ଚ ୨୨ ତାରିଖ ବିଳମ୍ବିତ ରାତିରେ ଅନୁଗୋଳ ଥାନା ହୁଲୁରିସିଂହା ହରିଜନ ସାହିର ସୁନୀଲ ନାଏକ (୪୦) ସେହି ଗ୍ରାମର ଜଣେ ଯୁବତୀଙ୍କ ଘରେ ପଶି ଦୁଷ୍କର୍ମ କରିବା ସହ ଫେରାର ହୋଇଯାଇଥିଲା। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁକରି ସୁନୀଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଅତିରିକ୍ତ ସେସନ୍ସ ଜଜ ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ସୁନୀଲକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ପ୍ରଦୀପ କୁମାର ଭୁତିଆ ମାମଲା ପରିଚାଳନା କରୁଥିଲେ।

## 'ସ୍ମୃତି ତୁମେ ରତ୍ନାକର' କାର୍ଯ୍ୟକ୍ରମ

ମହୁ,୧୧।୧୨(ସମିସ): ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଜଣେ ଦରଦି ମଣିଷଙ୍କ ଶ୍ରାଦ୍ଧ ଦିବସ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଆଜି ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ଅତିଥିମାନଙ୍କ ଦ୍ୱାରା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ବାଣ୍ଟିବା ସହିତ ଶୀତବସ୍ତ୍ର ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ ମଧ୍ୟ କରାଯାଇଛି। ଏଥି ସହିତ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ, ସଫେଇ କର୍ମଚାରୀ ଓ ସିକ୍ୟୁରିଟୀ କର୍ମଚାରୀମାନଙ୍କୁ ସ୍ମୃତି ରତ୍ନାକର ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଭାରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ସାମ୍ବାଦିକ ପ୍ରମୋଦ ମଲ୍ଲିକ, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ନନ୍ଦ, ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନ, ସଡ଼କବନ୍ଧୁ ସୁଶାନ୍ତ କୁମାର ତରାଇ, ସମାଜସେବୀ ସରୋଜିନୀ ରାଉତ ମହାନ୍ତି ଓ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ପ୍ରଣବ କୁମାର ଶୁକ୍ଳା ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳିତ

ଗରଦପୁର,୧୧।୧୨(ସମିସ): ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଡ. ସୁଶାନ୍ତ କୁମାର ପରିଡ଼ା ଏଥିରେ ଅଧ୍ୟକ୍ଷତା କରି ମାନବ ଅଧିକାରର କ୍ଷୁର୍ଣ୍ଣ ଓ ତାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବ ଅଧିକାର ଉପରେ ନିଜର ମତାମତ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦିଲୀପ କୁମାର ସାହୁ, ନାକ ସଂଯୋଜିକା ଡ. ମମତା ପଣ୍ଡା, ରମାକାନ୍ତ ପାଣି, ସତ୍ୟବ୍ରତ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଭାଗନେଇ ନିଜର ମତପୋଷଣ କରିଥିଲେ। ପରିଶେଷରେ ଅଧ୍ୟାପକ ସୁମନ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଡେରାବିଶ କଲେଜରେ ବିଶ୍ୱ ମାନବିକ ଅଧିକାର ଦିବସ

ଡେରାବିଶ, ୧୧।୧୨(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ କଲେଜ ସଭାଗୃହରେ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ଶାନ୍ତନୁ କୁମାର ମାଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ 'ମାନବିକ ଅଧିକାର: ସୃଷ୍ଟି ଏବଂ ବିକାଶ' ଉପରେ ଏକ ଅତିଥି ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଟସାହି କଚେରୀ କଲେଜର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଦିବାକର ବେହେରା ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ମାନବିକ ଅଧିକାରର ସୃଷ୍ଟି, ବିକାଶ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ ସମ୍ପ୍ରତି ପୃଥିବୀର ବିଭିନ୍ନ ସ୍ଥାନରେ କିଭଳି ମାନବିକ ଅଧିକାରର ଉଲ୍ଲଂଘନ ହେଉଛି ସେ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି, ଅଧ୍ୟାପକ ନଗେନ୍ଦ୍ର ନାଥ ପାଣି, ଅଧ୍ୟାପିକା ଆକାଂକ୍ଷା ଦାସ ବକ୍ତବ୍ୟ ରଖିଥିବା ବେଳେ ଅଧ୍ୟାପକ ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜରିଅଖା ବନ୍ଧାଯାଇଥିବା ନଳକୂପର ହେଲା ମରାମତି





**'ସକାଳ' ପ୍ରଭାବ**

ପଞ୍ଚୁପାଣ୍ଡବ,୧୧।୧୨(ସମିସ):ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ମା' ମଙ୍ଗଳା ମନ୍ଦିର ନିକଟରେ ନଳକୂପଟି ଦୀର୍ଘଦିନ ହେଲା ଅଚଳ ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକେ ନଳକୂପ ବ୍ୟବହାର କରିବା ପାଇଁ ଫୁଟା ଥିବା ପାଇପ୍‌ରେ ଜରିଅଖା ବାନ୍ଧି ପାଣି ବ୍ୟବହାର କରୁଥିଲେ। ସ୍ଥାନୀୟ ଲୋକେ, ମନ୍ଦିରକୁ ଆସୁଥିବା ଶତାଧିକ ଲୋକେ ଏବଂ ଠାକୁରାଣୀଙ୍କୁ ଗାଧୋଇବା ପାଇଁ ପାଣିର ଅସୁବିଧା ହେଉଥିଲା। ଏ ବାବଦରେ କିଛିଦିନ ତଳେ 'ସକାଳ' ଖବର କାଗଜରେ ଖବର ପ୍ରକାଶ ପାଇଥିଲା। ତୁରନ୍ତ ଡେରାବିଶ ବ୍ଲକ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଳକୂପ ମରାମତି କରିଥିଲେ। ନଳକୂପର ଚାରିପଟେ ଢଳେଇ କରିଥିବା ଦେଖିବାକୁ ମିଳିଥିଲା। ନଳକୂପର ସମସ୍ୟା ଦୂର ହୋଇଥିବାରୁ ସ୍ଥାନୀୟଲୋକେ 'ସକାଳ' ଏବଂ ପ୍ରଶାସନ ଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସହରରେ ଏବେ ନାଟ୍ୟ ମହୋତ୍ସବ ପ୍ରସ୍ତୁତିର ରଙ୍ଗ

କେନ୍ଦ୍ରାପଡା,୧୧।୧୨(ସମିସ): ବିବିଧ କଳାର ସମାବେଶ ମଞ୍ଚ "ସିମ୍ଫୋନି" ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ହେଉଥିବା ପ୍ରଥମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ଖୁବ୍ ଉତ୍ସାହରେ ହେଉଥିବାର ପରିଲକ୍ଷିତ ହେଉଛି। ସହରର ବିଭିନ୍ନ ସ୍ଥାନରେ ଏହି ନାଟ୍ୟ ମହୋତ୍ସବର ରଙ୍ଗୀନ ହୋର୍ଡିଂ ସବୁ ଲଗାଯାଇଛି। ଆସନ୍ତା ଡିସେମ୍ବର ୨୮ ଓ ୨୯ ତାରିଖ ସହର ଉପକଣ୍ଠ ଗୁଆଳସିଂସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଏହି ଦ୍ୱି ଦିବସୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ବିନାୟକ ପ୍ରସାଦ ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟର ଅଗ୍ରଣୀ ତଥା ସୁନାମଧନ୍ୟ ନାଟ୍ୟ ସଂସ୍ଥା ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଅଗ୍ରୀମ ଭାବେ ଏହାର ଟିକଟ୍ ସ୍ୱଳ୍ପ ମୂଲ୍ୟରେ ବିକ୍ରି ଆରମ୍ଭ କରାଯାଇଛି ବୋଲି ସଂଯୋଜକ ସ୍ୱପ୍ନାଂଶୁ ଦାସ, କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଏବଂ ବ୍ୟବସ୍ଥାପକ ହିମାଂଶୁ ପରିଡ଼ା ପ୍ରକାଶ କରିଛନ୍ତି। ପ୍ରଥମଥର ଭାବେ ରାଜ୍ୟର ପ୍ରତିଷ୍ଠିତ ନାଟ୍ୟ ସଂସ୍ଥାଗୁଡିକ ଯୋଗ ଦେଉଥିବାରୁ ଜିଲ୍ଲାର କଳାକ ନାଟ୍ୟପ୍ରେମୀମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ଦେଖାଦେଇଛି।

**ଶିକ୍ଷକ ବଦଳିକୁ ନେଇ କ୍ଷୋଭ**

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



କିଶୋରନଗର,୧୧।୧୨(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ପ୍ରଧାନଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ପ୍ରତିବାଦରେ ବୁଧବାର ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୫୯ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ୩ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଥିବା ବେଳେ ସେଥି ମଧ୍ୟରୁ ବିରଞ୍ଚିଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଛି। ତେଣୁ ପାଠପଢ଼ା ବ୍ୟାଘାତ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ପାଠ ପଢ଼ାଉଥିବା ପ୍ରଧାନଶିକ୍ଷକଙ୍କ ପରଲୋକ ପରେ ବିରଞ୍ଚିଙ୍କୁ ଅନ୍ୟ ବିଦ୍ୟାଳୟରୁ ଅଣାଯାଇଥିଲା। ହେଲେ ୬ ତାରିଖରୁ ପୁଣି ତାଙ୍କ ବଦଳି କରାଯାଇଛି। ଏହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତାଙ୍କ ବଦଳି ବାତିଲ କରି ଠେଲକନାଳି ବିଦ୍ୟାଳୟରେ ପୁନଃ ନିଯୁକ୍ତି ପାଇଁ ଶିକ୍ଷାକମିଟି ପକ୍ଷରୁ ସୋମବାର ବିଇଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ବିରଞ୍ଚିଙ୍କ ବଦଳି ପରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ବୁଧବାର ଗ୍ରାମବାସୀ, ଶିକ୍ଷା କମିଟି, ଅଭିଭାବକ ଏକଜୁଟ ହୋଇ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଖବର ପାଇ ସିଆରସିସି ପ୍ରତାପ ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ୭ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଗ୍ରାମବାସୀଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମର ଅଗସ୍ତି ସାହୁ, ଭାବଗ୍ରାହୀ ପ୍ରଧାନ, ଟିକିନା ସାହୁ, ରବୀନ୍ଦ୍ର ବେହେରା, ବିଷ୍ଣୁଚରଣ ସାହୁ, ସମୀର କୁମାର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ବିଶ୍ୱେଶ୍ୱର ମୁଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବିଇଓ ଅରୁଣ କୁମାର ସେଠୀଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

କଣିହାଁ,୧୧।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଉଦବେଡ଼ା ଭାଲୁବସା ନାଳ ନିକଟରେ ବୁଧବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଉଦବେଡ଼ା ଗ୍ରାମର ବୃନ୍ଦାବନ ସାହୁ (୫୯)। ଭୋର ସାଢ଼େ ୫ଟାରେ ବୃନ୍ଦାବନ ନିଜ ଗ୍ରାମରୁ ବଜ୍ରକୋଟ ସାପ୍ତାହିକ ହାଟକୁ ଯାଉଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ବୃନ୍ଦାବନଙ୍କ ମୃତ୍ୟୁ ହୋଇଥିଲା। କଣିହାଁ ରେଞ୍ଜ୍ ଅଧିକାରୀ ନୀଳମଣୀ ଦେହୁରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗୋପାଳପୁର-ରେଢ଼ାଖୋଲ ରେଳପଥ

# ଫାଇନାଲ୍ ସର୍ଭେ ପାଇଁ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ

ଭଞ୍ଜନଗର, ୧୧।୧୨(ସମିସ)



ରାଜ୍ୟର ଅନ୍ୟତମ ମହତ୍ୱାକାଂକ୍ଷୀ ଗୋପାଳପୁର-ରେଢାଖୋଲ ରେଳପଥ ପ୍ରକଳ୍ପ ପୁଣି ବିଳମ୍ବିତ ହେବା ଆଶଙ୍କା ଦେଖାଦେଇଛି। ପୂର୍ବରୁ ଏହି ରେଳପଥ ବ୍ରହ୍ମପୁର ଠାରୁ ରେଢାଖୋଲ ଭାୟା ଫୁଲବାଣୀ ଦେଇ ହୋଇଥିବାବେଳେ ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ଫାଇନାଲ ଡିପିଆରରେ ଶେଷରେ ଫୁଲବାଣୀକୁ ବାଦ ଦିଆଯାଇ ଏହି ରେଳପଥକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ଅର୍ନ୍ତଭୁକ୍ତ କରାଯାଇଥିଲା। ଆଉ ଫାଇନାଲ ଡିପିଆର ସଂପର୍କରେ ଜଣାପଡ଼ିବା ପରେ ଫୁଲବାଣୀରୁ ଏହାକୁ ବିରୋଧ କରି ପ୍ରତିବାଦର ସ୍ୱର ଉଠିଥିଲା। ଆଉ ଲୋକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଡବଲ ଇଞ୍ଜିନ୍ ସରକାର ଏବେ ଫୁଲବାଣୀକୁ ଯୋଡି ପୁଣିଥରେ ଏରିଏଲ୍ ସର୍ଭେ ଓ ଫାଇନାଲ ଡିପିଆର ପ୍ରସ୍ତୁତ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫଳରେ ୨୦୨୫- ୨୬ ଆର୍ଥିକ ବର୍ଷ ପୂର୍ବରୁ ଏହା ରେଳ ମନ୍ତ୍ରଣାଳୟର ସୁପାରିଶ ଲାଭକରି ବଜେଟ୍‌ରେ ଏଥିପାଇଁ ଅର୍ଥ ବ୍ୟୟବରାଦ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ଟେଣ୍ଡର ପ୍ରକ୍ରିୟା ୨୦୨୫ ଜାନୁୟାରୀ ୬ ତାରିଖ ଯାଏଁ ରହିଥିବାବେଳେ ଓରିଡେଲର ୱେବ୍ ସାଇଟ୍‌ରେ ଏହାର ବିସ୍ତୃତ ତଥ୍ୟ ଓ ନିୟମାବଳୀ ରହିଥିବା ଦର୍ଶାଯାଇଛି।

ସୂଚନାଯୋଗ୍ୟ ୨୦୧୯-୨୦ ଆର୍ଥିକ ବର୍ଷରୁ ସମ୍ବଲପୁର ଠାରୁ ଗୋପାଳପୁର ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ମାତ୍ର ଏକ କୋଟି ଟଙ୍କା ମଞ୍ଜୁର କରିଥିଲେ। ପରବର୍ତ୍ତୀ ସମୟରେ ଏହି ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୧୦ କୋଟି ଟଙ୍କା ଟୋକେନ୍ ମନି ବ୍ୟବସ୍ଥା କରାଯାଇଥିଲା। ଫଳରେ ଏହି ରେଳ ପ୍ରକଳ୍ପ ନିର୍ମାଣ ଆଶା ଉଜ୍ଜଳ ଥିବା ଲକ୍ଷ୍ୟ କରି ଏହାର ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବୀ ଉଠିଥିଲା। ପ୍ରଥମେ ଭଞ୍ଜନଗର ବାର ଆସୋସିଏସନ୍ ପକ୍ଷରୁ ଏଥିପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ରେଳପଥ ଯାଉଥିବା ସମସ୍ତ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ଏକାଠୀ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରାଯାଇଥିଲା। ତତକାଳୀନ ଭଞ୍ଜନଗର ବାର ଆସୋସିଏସନ୍ ସଭାପତି ତଥା ବର୍ତ୍ତମାନ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏହାର ଆବାହକ ରହିଥିଲେ। ତତ୍କାଳୀନ ବରଗଡ଼ ସାଂସଦ ସୁରେଶ ପୁଜାରୀଙ୍କ ସମେତ ୩ଜଣ ସାଂସଦଙ୍କୁ ଭେଟି କ୍ରିୟାନୁଷ୍ଠାନ କମିଟି ରେଳ ପ୍ରକଳ୍ପର ଅଗ୍ରଗତି ପାଇଁ ଅନୁରୋଧ କରିଥିଲେ। ଏନେଇ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସାଂସଦ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଉ ଏବେ ରାଜନୈତିକ ମାନଚିତ୍ର ବଦଳି ଯାଇଛି। ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିଥିବା ଓ ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ ପୁନଃ ଦାୟିତ୍ୱ ଗ୍ରହଣ କରିଥିବା ଯୋଗୁଁ ଚଳିତ ବଜେଟ୍‌ରେ ଏହି ରେଳପଥର ବିକାଶ ପାଇଁ ଅଧିକ ଅର୍ଥ ବ୍ୟୟ ବରାଦ ହେବା ଆଶା କରାଯାଉଛି। ଅପରପକ୍ଷରେ ଏହି ରେଳପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ସାମିଲ କରାଯାଇଥିବାରୁ ଏହାକୁ ୫ବର୍ଷ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇ ରେଳ ମନ୍ତ୍ରଣାଳୟ ସମେତ ମୋଟ ୧୬ଟି ମନ୍ତ୍ରଣାଳୟକୁ ଏଥିରେ ସାମିଲ କରାଯାଇଛି। ଏହି ପ୍ରକଳ୍ପ ୨୦୨୮ ମାର୍ଚ୍ଚ ସୁଦ୍ଧା ସାରିବାକୁ ରେଳ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଥିବା ସୂଚନା କର୍ମୀ ଆଇନଜୀବୀ ଶଙ୍କର ନାରାୟଣ ପାତ୍ରଙ୍କ ଏକ ପ୍ରଶ୍ନରେ ରେଳ ମନ୍ତ୍ରଣାଳୟ ନିଜର ଉତ୍ତର ରଖିଛି।

ବ୍ରହ୍ମପୁର-ଜଗନ୍ନାଥପୁର ଠାରୁ ସମ୍ବଲପୁର ଜିଲ୍ଲାର ରେଢାଖୋଲ ଯାଏଁ ମୋଟ ୨୪୧ କିମି ମୁଖ୍ୟ ରେଳପଥ ସହ ବାରମୁର - କଦଳୀଗଡ଼ ୨୫ କିମି ୱାଇ ଲିଙ୍କ୍, ଜଗନ୍ନାଥପୁର-ଗୋପାଳପୁର ବଇର ୧୦ କିମି ଶାଖା ଲାଇନ୍ ସହ ମୋଟ ୨୭୫ କିମି ରେଳପଥ ନିର୍ମାଣ ପାଇଁ ରେଳ ବଜେଟ୍‌ରେ ପ୍ରସ୍ତାବ ଦିଆଯାଇଥିଲା।୨୪୧ କିମି ଦୀର୍ଘ ଜଗନ୍ନାଥପୁର ଠାରୁ ରେଢାଖୋଲ ଯାଏଁ ରେଳପଥ ନିର୍ମାଣ ହେଲେ ମୋଟ ୧୬ଟି ରେଳ ଷ୍ଟେସନ୍ ଏଥିରେ କ୍ଷୁଦ୍ର ସେତୁ ନିର୍ମାଣ ହେବ। ଏହି ରେଳପଥ ଜଗନ୍ନାଥପୁର ଠାରୁ ବାହାରି କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, ଆସିକା, ଖଣ୍ଡରାବଳୀ, ବାସୁଦେବପୁର, ଭଞ୍ଜନଗର, ମୁଜାଗଡ଼, ବଦାଙ୍ଗି, ଚକାପାଦ, ଜାଗରପଟା, ଫୁଲବାଣୀ, ଲକରାପାଙ୍କୁ, ସାନମୁଣ୍ଡା, ମୁଣ୍ଡାପଡ଼ା, ବୌଦ୍ଧ, କଦଳୀଗଡ଼ ହୋଇ ଶେଷରେ ରେଢାଖୋଲରେ ମିଶିବ। ଏଥିପାଇଁ ମୋଟ ୧୬ଟି ରେଳଷ୍ଟେସନ୍ ନିର୍ମାଣ ହେବା ଏହି ସେତେବେଳେ କରାଯାଇଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଥିଲା। ତେବେ ଫୁଲବାଣୀକୁ ବାଦ ଦେଇ ପ୍ରସ୍ତୁତ କରାଯାଇଥିବା ଡିପିଆରରେ ଭଞ୍ଜନଗର ବ୍ଲକର ବଦାଙ୍ଗୀ ଠାରୁ ଚକାପାଦ, ରୂପାଝରି ହୋଇ ଏହି ରେଳପଥ ମାଧୋପୁର କିମ୍ବା କଙ୍କଣମେଣ୍ଡି ଠାରେ ସଂଯୋଗ କରିବାକୁ ପ୍ରସ୍ତାବ ରଖିଥିଲା। ଏବେ ପୁର୍ନବାର ପୁରୁଣା ଡିପିଆର ଭଳି ପୁଣିଥରେ ସେହି ଢଙ୍ଗରେ ସର୍ଭେ ଓ ଫାଇନାଲ ଡିପିଆର ପ୍ରସ୍ତୁତ କରାଯିବ। ଫଳରେ ଫୁଲବାଣୀ ସହର ଏହି ରେଳପଥ ସହ ଯୋଡି ହେବା ଆଶା ଉଜ୍ଜଳ ହୋଇଛି।

## ଓଲଟିଲା ମୁଖ୍ୟମନ୍ତ୍ରୀ ବସ୍; ୧୦ ଯାତ୍ରୀ ଆହତ



କବିସୂର୍ଯ୍ୟନଗର, ୧୧।୧୨(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ମହାନପଲ୍ଲୀ ଗ୍ରାମ ନିକଟରେ ବୁଧବାର ମୁଖ୍ୟମନ୍ତ୍ରୀ ବସ୍ ମୋହାନାପଲ୍ଲୀ ମୁଖ୍ୟ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ ବିଲଟି କାଦୁଅଯୁକ୍ତ ହୋଇଥିବା ହେତୁ ବିଶେଷ କ୍ଷତି ହୋଇନାହିଁ।ବସଟି କବିସୂର୍ଯ୍ୟନଗର ଅଭିମୁଖେ ଯାଉଥିବା ବେଳେ ବେପରୁଆ ଗାଡି ଚାଳନା ହେତୁ ଏଭଳି ଦୁର୍ଘଟଣା ହୋଇଥିବା କୁହାଯାଉଛି। ଦୁର୍ଘଟଣା ସ୍ଥାନରେ ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରୁଛନ୍ତି। ତେବେ ଘଟଣାସ୍ଥଳରେ ଲକ୍ଷ୍ମୀ ବସ ସୁପରଭାଇଜର ପହଞ୍ଚି ବସଟିକୁ ଉଦ୍ଧାର କରିଥିବା ଜଣାପଡ଼ିଛି।

## ୫ ୱାରେଣ୍ଟି କୋର୍ଟଚାଲାଣ

ସାନଖେମୁଣ୍ଡି, ୧୧।୧୨(ସମିସ): ପାଟପୁର ପୁଲିସ ୱାରେଣ୍ଟ ବଳରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁମନ୍ତପୁର୍ ଗ୍ରାମର ପ୍ରଭାକର ଗୌଡ଼, ଜୟପୁର କୋଲେନୀ ଗ୍ରାମର ଆର ଭାସ୍କର, ପି.ରାମଚନ୍ଦ୍ରପୁର ଗ୍ରାମର ମିଟୁ ଗୌଡ଼, ଖଳିଙ୍ଗି ସଲ୍ୟ ବେହେରା, କଙ୍କୋରଡ଼ା ଗ୍ରାମର ସତ୍ୟବାନ ପରିଡ଼ା। ସୂଚନା ମୁତାବକ ଥାନା ମାମଲାରେ ଉପରୋକ୍ତ ଲୋକମାନେ ନିୟମିତ କୋର୍ଟରେ ହାଜର ନହେବାରୁ ୱାରେଣ୍ଟ ହୋଇଥିଲା। ଏନେଇ ପାଟପୁର ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

ରଙ୍ଗେଇଲୁଣ୍ଡା, ୧୧।୧୨(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ହଳଦିଆପଦର ଛକ ନିକଟରେ ଲଗେଜ ଅଟୋକୁ ପଛକୁ ଟ୍ରକ ଧକ୍କାରେ ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ ବ୍ରହ୍ମପୁର ମହାନଗର ଚୈତନ୍ୟନଗରର ସଞ୍ଜୟ କୁମାର ସାହୁ (୪୪)। ସୂଚନା ଅନୁସାରେ ଏକ ଅଟୋରେ ସଞ୍ଜୟ, କେ ରାମା ଆଚାରୀ ଓ ସାଗର ଆଳୁ ପିଆଜ ଧରି ପଛରେ ବସି ୧୬ ନଂ ଜାତୀୟ ରାଜପଥ ଦେଇ କନିସି ହାଟ ଅଭିମୁଖେ ବାହାରି ଆସୁଥିବା ବେଳେ ସକାଳ ୭.୩୦ ସମୟରେ ହଳଦିଆପଦର ଗ୍ରାମ ନିକଟରେ ଏକ ଟ୍ରକ ପଛକୁ ଧକ୍କା ଦେଇଥିଲା ଫଳରେ ସଞ୍ଜୟ ଟ୍ରକକୁ ପିଟି ହୋଇ ଗୁରୁତର ରାସ୍ତାରେ ପଡ଼ିଯାଇଥିବା ବେଳେ ସାଗର ଓ ରାମା ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣାସ୍ଥଳରୁ ଟ୍ରକ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକ ସଞ୍ଜୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନା କେସନଂ ୫୫୨/୨୪ ପ୍ରକାରେ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ପୁଲିସ ଜବତ କରିଛି।

## ସ୍କୁଲ୍ ନିକଟରୁ ମଦ ଦୋକାନ ଉଚ୍ଛେଦ ଦାବି

ଛତ୍ରପୁର, ୧୧।୧୨(ସମିସ): ଶେରଗଡ଼ ବାଲି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ରହିଥିବା ଏକ ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବି କରିଛନ୍ତି ଆଇନଜୀବୀ ତଥା ହିଞ୍ଜିଳି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରଜନିକାନ୍ତ ପାଢ଼ୀ। ସେନେଇ ବୁଧବାର ଜିଲ୍ଲାପାଳଙ୍କୁ ଏନେଇ ଏକ ସ୍ମାରକପତ୍ର ଦେଇଛନ୍ତି। ସ୍ମାରକପତ୍ରରେ ଉଲେଖ ଯେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ବିଦେଶୀ ମଦ ଦୋକାନ ରହିଛି। ଏହାକୁ ଉଚ୍ଛେଦ କରିବା ନେଇ କୋର୍ଟ ୨୮ ଜୁଲାଇ ୨୦୨୩ରେ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ସେଠାରୁ ଉଚ୍ଛେଦ ହୋଇନଥିବା ବେଳେ ପୁଣି ୪ ସେପ୍ଟମ୍ବର ୨୦୨୪ ପୁଣି ଅବକାରୀ ବିଭାଗକୁ ଏହି ମଦ ଦୋକାନ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଥର ନିର୍ଦ୍ଦେଶ ସତ୍ତ୍ୱେ ସେହି ସ୍ଥାନରୁ ଏହି ମଦ ଦୋକାନ ହଟିନାହିଁ। ଫଳରେ ଆଇନଜୀବୀ ରଜନିକାନ୍ତ ପାଢ଼ୀ ଅଭିଯୋଗ କରିଛନ୍ତି।

## ୧୨୫ ଲିଟର ମଦ ଜବତ; ୨ ମହିଳାଙ୍କ ସମେତ ୪ ଗିରଫ

ଦିଗପହଣ୍ଡି, ୧୧।୧୨(ସମିସ): ଦିଗପହଣ୍ଡି ବଡ଼ ଡୁମ୍ବୁଳା ପଞ୍ଚାୟତ ଦଳି ମହୁଲପଡ଼ା ଗ୍ରାମରେ ଚଢ଼ଉ କରି ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ଅଭିଯୁକ୍ତ ନକୁଳ ମଲ୍ଲିକଙ୍କୁ ବୁଧବାର ସକାଳେ ଗିରଫ କରିଛନ୍ତି। ତାଙ୍କ ନିକଟରୁ ୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଚିକିଟି ଅବକାରୀ ରେଞ୍ଜ କାର୍ଯ୍ୟାଳୟ ଅବକାରୀ ମାମଲା ନଂ.୬୨/୨୪-୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଗ୍ରାମର ପୂର୍ଣ୍ଣ ମଲ୍ଲିକଙ୍କ ନିକଟରୁ ୧୫ ଲିଟର ଦେଶୀମଦ ଜବତ କରାଯାଇଛି। ଅବକାରୀ ମାମଲା ନଂ.୬୩/୨୪-୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିରିବାଡ଼ିଆ ଗ୍ରାମର ରଶ୍ମିତା ପାତ୍ରଙ୍କୁ ଗିରଫ କରି ତାଙ୍କ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରାଯାଇ ମାମଲା ନଂ.୬୪/୨୪-୨୫ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ସେହିପରି ଦିଗପହଣ୍ଡି ଅବକାରୀ ଓଆଇସି ଅନିତା ପ୍ରଧାନ ଗ୍ରାମର ନମିତା ମଲ୍ଲିକଙ୍କୁ ଗିରଫ କରି ତାଙ୍କ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରି ଅବକାରୀ ଥାନା ମାମଲା ନଂ.୧୫୯/୨୪-୨୫ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ପରେ ସିଦ୍ଧେଶ୍ୱର ଗ୍ରାମରେ ଚଢ଼ାଉ କରି ସୀମାଞ୍ଚଳ ସାହୁଙ୍କ ଠାରୁ ୨୦ ଲିଟର ଦେଶୀମଦ ଜବତ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### କର୍ମଚାରୀ ଛଟେଇକୁ ବିରୋଧ

## ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ



ଛତ୍ରପୁର, ୧୧।୧୨(ସମିସ): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ ରହିଛି। ଫଳରେ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସେବା ନମିଳିବାରୁ ବହୁ ଲୋକ ଅଟୋ ଭଡ଼ାକରି ଆସୁଥିବା ଦେଖିବାକୁ ମିଳିଛି। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି ସଠିକ ସମୟରେ ୧୦୮ ସେବା ନମିଳିଲେ ଜୀବନ ଚାଲିଯିବାର ମଧ୍ୟ ଆଶଙ୍କା ରହିଛି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ଦାବି ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନେ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଦାବି ପୂରଣ ନ ହେବାରୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜିପିଏସ ସେବା ବନ୍ଦ କରି ଆନ୍ଦୋଳନ କରିଛନ୍ତି। ସେମାନେ ଜିପିଏସ ବନ୍ଦ କରି ସେବା ଯୋଗାଇବେ ବୋଲି କହିଛନ୍ତି। ଜିପିଏସ ବନ୍ଦ କରିଥିବାରୁ କଲ ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଅନୁମତି ଦେଉନଥିବା ସେମାନେ କହିଛନ୍ତି। ଏପରିକି ୧୨ଘଣ୍ଟା ଡ୍ୟୁଟି କରିବାକୁ ବିରୋଧ କରିବା ସହିତ ୧୦୦ ଜଣ କର୍ମଚାରୀଙ୍କୁ ଚାକିରିରୁ ଛଟେଇକୁ ପ୍ରତିବାଦ କରି ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

### ● ଶେରଗଡ଼ ବ୍ଲକରେ ଶିକ୍ଷା ବିଭାଗର ବିକଳ ଚିତ୍ର

## ଶିକ୍ଷକ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ

ଶେରଗଡ଼, ୧୧।୧୨(ସମିସ): ଶେରଗଡ଼ ବ୍ଲକରେ ଶିକ୍ଷା ବିଭାଗର ବିକଳ ଚିତ୍ର ଦେଖିବାକୁ ମିଳିଛି। ବ୍ଲକରେ ମୋଟ ୧୫୨ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ରହିଛି। କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ସାଙ୍ଗକୁ ଭିତ୍ତିଭୂମି ବିକାଶରେ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀ ମାନଙ୍କୁ ଉନ୍ନତ ମାନର ଶିକ୍ଷା ଦିଆଯାଇପାରୁନାହିଁ। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀ ମାନେ ଘରୋଇ ସ୍କୁଲକୁ ପସନ୍ଦ କରୁଛନ୍ତି। ଏତଦଭିନ୍ନ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୨୭ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟକୁ ରୂପାନ୍ତରିତ ବିଦ୍ୟାଳୟରେ ପରିଣତ କରାଯାଇଛି। ରୂପାନ୍ତରିତ ବିଦ୍ୟାଳୟର ନିୟମ ଅନୁସାରେ ସ୍ମାର୍ଟ ରୁମ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, କ୍ରୀଡା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବା କଥା। ମାତ୍ର ଦୁଃଖ ଓ ପରିତାପର ବିଷୟ ହେଲା ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବ, କ୍ରୀଡା ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି। ଶିକ୍ଷା ବିଭାଗର ସୂଚନା ଅନୁସାରେ, ସରକାରୀ ହାଇସ୍କୁଲ ଗୁଡିକର ପ୍ରଧାନ ଶିକ୍ଷକ ସମେତ କଳା, ବିଜ୍ଞାନ, କ୍ରୀଡା, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିଭଳି ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ମାନଙ୍କର ଅଧାରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଚଳିତ ଶିକ୍ଷା ବର୍ଷ ସରିବାକୁ ବସିଲାଣି ହେଲେ ଛାତ୍ରଛାତ୍ରୀ ମାନଙ୍କୁ କଣ ପଢ଼ାଯାଇଥିବ ଓ ସେମାନେ ପରୀକ୍ଷା ଦେଇ ଆଗକୁ ବଢ଼ିବେ ତାହା ସହଜେ ଅନୁମେୟ। ଶିକ୍ଷକ ଓ ଶୈକ୍ଷିକ ବାତାବରଣ ଅଭାବ ସାଙ୍ଗକୁ କାଗଜ କଲମରେ ଭିତ୍ତିଭୂମି ବିକାଶ ହୋଇଥିବା ଦର୍ଶାଯାଇଥିବାରୁ ଶିକ୍ଷାର ବିକାଶ ପରିବର୍ତ୍ତେ ସରକାରୀ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କର ସଂଖ୍ୟା ହ୍ରାସ ପାଇ ଚାଲିଛି। ଫଳରେ ଅଭିଭାବକ ମାନେ ସେମାନଙ୍କ ପିଲା ମାନଙ୍କୁ ସରକାରୀ ବିଦ୍ୟାଳୟରେ ପାଠ ପଢ଼ିବାକୁ ଆଉ ଇଚ୍ଛା ପ୍ରକାଶ କରୁନାହାନ୍ତି। ପ୍ରକାଶ ଥାଉକି, ଶେରଗଡ଼ ସହରରେ ଥିବା ମହାତ୍ମାଗାନ୍ଧୀ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୨୦୨୩ ଜୁନରୁ ହିନ୍ଦୀ ଶିକ୍ଷକ, ୨୦୨୪ ମେ ମାସରୁ ସଂସ୍କୃତ ଶିକ୍ଷକ ସହ ବିଦ୍ୟାଳୟରେ ମୋଟ ୭ ଜଣ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ପାଠ ପଢ଼ା ଠପ୍ ହୋଇଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜିଲ୍ଲାପାଳଙ୍କୁ ଓଡ଼ିଶା କୃଷକ ସଭାର ସ୍ମାରକପତ୍ର



ଛତ୍ରପୁର, ୧୧।୧୨(ସମିସ): ଓଡ଼ିଶା କୃଷକ ସଭା ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ୫ ଦଫା ଦାବି ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ଧାନ ମଣ୍ଡି ଖୋଲିବା, ଧାନର ମାନ କୋହଳ କରିବା, ବର୍ଷା ଅଭାବରୁ କ୍ଷତି ହୋଇଥିବା ଫସଲର କ୍ଷତି ପୂରଣ ଦିଆଯିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ରବି ଫସଲ ପାଇଁ ବିହନ, ସାର ଓ ଔଷଧ ଯୋଗାଇବା, ଭାଗଚାଷୀଙ୍କୁ ପଲ୍ଲୀସଭାରେ ଚିହ୍ନଟ କରି ଧାନ କ୍ରୟ କରାଯିବା ନେଇ ସେମାନେ ଏହି ସ୍ମାରକ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଭିକାରି ଚରଣ ପ୍ରଧାନ, ତ୍ରିନାଥ ପ୍ରଧାନଙ୍କ ସମେତ ବହୁ ଚାଷୀ ଓ ଚାଷୀ ନେତା ଉପସ୍ଥିତ ଥିଲେ।

## ବିଦାୟୀ ଓ ନୂତନ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା



ଶେରଗଡ଼, ୧୧।୧୨(ସମିସ): ଦୀର୍ଘ ଦିନ ପରେ ଠୁରୁବୁରାଇ କ୍ଲଷ୍ଟରର ପ୍ରଥମ ବଣଭୋଜି ଶିକ୍ଷକ ବିଜୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଗୁଡା ସ୍ଥିତ ବୁଦ୍ଧଖୋଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠୁରୁବୁରାଇ କ୍ଲଷ୍ଟରରେ କାର୍ଯ୍ୟରତ ପୂର୍ବତନ ସିଆରସିସି ବିଶ୍ୱଜିତ ଦାସଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନବନିଯୁକ୍ତ ସିଆରସିସି ପପୁନ ପାଣିଗ୍ରାହୀଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହିତ ଠୁରୁବୁରାଇ କ୍ଲଷ୍ଟରରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସାନୁ କୁମାର ସ୍ୱାଇଁ, ରଶ୍ମିତା ରାଉତ, ଜ୍ୟୋତିର୍ମୟୀ ରାଉତ, ବସୁମତୀ ଗୌଡ଼, ପ୍ରଣବ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ବଣଭୋଜି କାର୍ଯ୍ୟକ୍ରମକୁ ଶିକ୍ଷକ ଅଶୋକ ସାହୁ, ବିଶ୍ୱଜିତ ଦାସ, ପପୁନ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥିଲେ।

## ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଧରାକୋଟ, ୧୧।୧୨(ସମିସ): ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳନ ହୋଇଯାଇଛି। ଏସଏମସି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ଉପାଧ୍ୟକ୍ଷା ଜୟନ୍ତୀ ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୬୦ ଜଣଙ୍କୁ ପ୍ରମାଣପତ୍ର ସହ ମେଡାଲ ଦିଆଯାଇଥିଲା। ଚନ୍ଦନ କୁମାର, ମାର୍ଗୀ ରମଣ ମଣି, ନନ୍ଦିଘୋଷ ନାଇକ ଓ ଅଙ୍କିତା ମୁନି ଯଥାକ୍ରମେ ସିନିୟର ଓ ଜୁନିଅର ବିଭାଗରୁ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏବିଇଓ ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ସମ୍ମାନିତ ଅତିଥି ଭାବେ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଶିକ୍ଷକ ଗୀତାଞ୍ଜଳି ସାହୁ ଓ କ୍ରୀଡା ଶିକ୍ଷକ ଅନିଲ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ସରକାରୀ ପ୍ରୋତ୍ସାହନ ଅଭାବ

## ପରିଚୟ ଖୋଜୁଛି ପିତ୍ତଳ ମାଛ; କୌଳିକ ବୃତ୍ତିରୁ ମୁହଁ ମୋଡୁଛନ୍ତି ଯୁବପିଢ଼ି

ବେଲଗୁଣ୍ଠା, ୧୧।୧୨(ସମିସ)



ଦୀର୍ଘ ତିନି ଶହ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱ ପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତଳ ଚଦରରୁ ପ୍ରସ୍ତୁତ ପିତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇ ସାରା ବିଶ୍ୱବାସୀଙ୍କୁ ଚକିତ କରିଛି। ମହାମହିମ ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତଳ ମାଛଟିଏ ଉପହାର ପାଇ ଖୁସିରେ ଗଦ୍ ଗଦ୍ ହୋଇପଡ଼ିଛନ୍ତି। ବେଲଗୁଣ୍ଠାରେ ପ୍ରସ୍ତୁତ ପିତଳ ମାଛ ସମଗ୍ର ଓଡ଼ିଶାରେ ଏକ ପ୍ରମୁଖ ଉପହାରର ସ୍ଥାନ ନେଇଛି। ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପିତଳ ମାଛର ଚାହିଦା ଖୁବ୍ ବେଶୀ। ଏହି ପିତଳ ମାଛର ଅନ୍ୟତମ ଶିଳ୍ପୀ ହେଉଛନ୍ତି ବେଲଗୁଣ୍ଠା ବ୍ଲକ ପାଇଲିପଡ଼ା ପଞ୍ଚାୟତ ଅନ୍ତର୍ଗତ କେ.ନୂଆଁଗଡ଼ ଗ୍ରାମର ସୁଶାନ୍ତ କୁମାର ସାହୁ। ସୁଶାନ୍ତଙ୍କ କହିବା ପ୍ରକାରେ ୧୮୫୬ରେ ତାଙ୍କ ଜେଜେବାପା ସ୍ୱର୍ଗତ ଦଣ୍ଡପାଣି ସାହୁ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ସେବେଠାରୁ ସୁଶାନ୍ତଙ୍କ ପରିବାର ପିଢି ପରେ ପିଢ଼ି ଏହି କୌଳିକ ବୃତ୍ତିକୁ ଆବୋରି ନେଇ ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ସୁଶାନ୍ତ ପିତ୍ତଳ ମାଛ ସହିତ ଲୋକଙ୍କ ଚାହିଦା ମୁତାବକ ନାଗ, ଚୁଡ଼ି, ମୁକୁଟ, ମୂର୍ତ୍ତି ଆଦି ତିଆରି କରିଥାନ୍ତି। ପରିବାର ସଦସ୍ୟ ତାଙ୍କୁ ଏହି କାମରେ ସହଯୋଗ କରିଥାନ୍ତି। ପିତଳ ସାମଗ୍ରୀ ଗୁଡିକୁ ସେ ବେଲଗୁଣ୍ଠା ବଜାରରେ ବିକ୍ରୟ କରିଥାନ୍ତି। କିନ୍ତୁ ଏହି କାମକୁ ବଞ୍ଚାଇ ରଖିବା ପାଇଁ ଉପଯୁକ୍ତ ସରକାରୀ ସହାୟତା ମିଳୁନଥିବାରୁ ସୁଶାନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ସୁଶାନ୍ତଙ୍କ ପୁଅ, ଝିଅ, ସ୍ତ୍ରୀ ସମସ୍ତେ ଏହି କାମ ଶିଖିଥିବା ବେଳେ ତାଙ୍କ ଝିଅ ବର୍ତ୍ତମାନ ବିବାହ କରି ଶାଶୁ ଘରେ ରହୁଛନ୍ତି। ସୁଶାନ୍ତଙ୍କ ସ୍ତ୍ରୀ ଏବଂ ପୁଅ ସୁଶାନ୍ତଙ୍କୁ ପିତଳ ମାଛ ନିର୍ମାଣରେ ସାହାଯ୍ୟ କରୁଛନ୍ତି। କିନ୍ତୁ ଯୁବ ଗୋଷ୍ଠୀଙ୍କୁ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ସୁଶାନ୍ତଙ୍କ ପୁଅ ଏହି କାମ କରି ନିଜର ଭବିଷ୍ୟତ ଜୀବନ ସଜାଡ଼ିବା ସମ୍ଭବ ନୁହେଁ ବୋଲି ଚିନ୍ତା କରୁଛି। ତେଣୁ ସେ ଏହି କାମ ଛାଡ଼ି ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଯିବା ପାଇଁ ସ୍ଥିର କରିଥିବା ସୁଶାନ୍ତ କହିଛନ୍ତି। ଏପଟେ ପର୍ଯ୍ୟାପ୍ତ ପରିମାଣର କଞ୍ଚାମାଲର ଅଭାବ ମଧ୍ୟ ଏହି ଶିଳ୍ପ ଉପରେ ପ୍ରଭାବ ପକାଉଛି। ତେଣୁ ସରକାରଙ୍କ ତରଫରୁ ଆବଶ୍ୟକ ପ୍ରଶିକ୍ଷଣ, ସୁଲଭ ମୂଲ୍ୟରେ କଞ୍ଚାମାଲ୍ ଯୋଗାଣ କରାଯିବା ସହିତ ପିତଳ ମାଛ ବିକ୍ରୟ ପାଇଁ ଆବଶ୍ୟକ ବଜାର ଏବଂ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ତାଙ୍କ ପୁଅ ମଧ୍ୟ ଏହି ଶିଳ୍ପକୁ ଆଗକୁ ବଢ଼ାଇ ନେଇ ପାରିବ ବୋଲି ସୁଶାନ୍ତ କହିଛନ୍ତି।

# ଛତ୍ରପୁର ବ୍ଲକ୍‌କୁ ଜାତୀୟ ପୁରସ୍କାର



**ଛତ୍ରପୁର,୧୧।୧୨(ସମିସ):** କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ୪୫ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ଭାବେ ଛତ୍ରପୁର ବ୍ଲକ ଦେଶରେ ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାଶ ଏହି ପୁରସ୍କାର ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଠାରୁ ଗ୍ରହଣ କରିଛନ୍ତି। ସେହିପରି ୭ଟି ବର୍ଗରେ ଓଡ଼ିଶାକୁ ଜାତୀୟ ପୁରସ୍କାର ମିଳୁଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମର ତିନୋଟି ରହିଛି। ଦେଶର ଶ୍ରେଷ୍ଠ ବ୍ଲକ ଛତ୍ରପୁର ବିବେଚିତ ହେବା ସହ ୨କୋଟି ଟଙ୍କା ଅର୍ଥ ରାଶି ପାଇବେ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକର କେଲୁଆପଲ୍ଲୀ ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ଭାବେ ଦ୍ୱିତୀୟ ସ୍ଥାନ ରହି ପୁରସ୍କୃତ ହୋଇଛି। ଏହି ପଞ୍ଚାୟତକୁ ୭୫ ଲକ୍ଷ ମିଳିବ। ଏହା ବ୍ୟତୀତ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର ସାହାପୁର ପଞ୍ଚାୟତ ସାରା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଏହି ପଞ୍ଚାୟତକୁ ମଧ୍ୟ ୭୫ ଲକ୍ଷ ମିଳିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏମାନଙ୍କୁ ପୁରସ୍କୃତ କରିଛନ୍ତି। ପୁରସ୍କାର ଗ୍ରହଣ ବେଳେ ସମାରୋହରେ ଗଞ୍ଜାମ ଜିଲ୍ଲାପାଳ, ଛତ୍ରପୁର ବ୍ଲକ ଅଧ୍ୟକ୍ଷାଙ୍କ ସହିତ ଗଞ୍ଜାମ ଜିଲ୍ଲା ପରିଷଦର ପ୍ରୋଗ୍ରାମ ମ୍ୟାନଜର (ଟ୍ରେନିଂ) ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକ, ଚମାଖଣ୍ଡି ସରପଞ୍ଚ ସିଏଚ. ମନୋଜ ରେଡ୍ଡୀ ଓ ପିଇଓ ଦଣ୍ଡପାଣି ପ୍ରଧାନଙ୍କ ଅନ୍ୟାନ୍ୟ ସରପଞ୍ଚ ମାନେ ଉପସ୍ଥିତ ଥିଲେ। ଗଞ୍ଜାମବାସୀ ଓ ସମସ୍ତ ଜନପ୍ରତିନିଧି, କର୍ମଚାରୀଙ୍କ ପରିଶ୍ରମ ପାଇଁ ଜିଲ୍ଲା ଆଜି ୩ଟି ପୁରସ୍କୃତ ହୋଇପାରିଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ। ଅନ୍ୟପକ୍ଷରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାଶ ମଧ୍ୟ ଏହି ଶ୍ରେୟ ବ୍ଲକର ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଓ କର୍ମଚାରୀଙ୍କ ପ୍ରୟାସ ପାଇଁ ଆଜି ବ୍ଲକ ଦେଶରେ ଶ୍ରେଷ୍ଠ ବ୍ଲକ ହୋଇପାରିଛି ବୋଲି କହିଥିଲେ।

## କେଲୁଆପଲ୍ଲୀ ପଞ୍ଚାୟତକୁ ଜାତୀୟ ପୁରସ୍କାର

**ରଙ୍ଗେଇଲୁଣ୍ଡା,୧୧।୧୨(ସମିସ):** ବୁଧବାର ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କେଲୁଆପଲ୍ଲୀ ପଞ୍ଚାୟତକୁ ଦେଶର ଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ଦିଲ୍ଲୀର ବିଜ୍ଞାନ ଭବନ ଠାରେ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କେନ୍ଦ୍ରିୟ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ପ୍ରତିବର୍ଷ ସାରା ଦେଶରେ ରହିଥିବା ବିଭିନ୍ନ ପଞ୍ଚାୟତ ମଧ୍ୟରୁ କେତେକ ପଞ୍ଚାୟତ କୁ ସେମାନଙ୍କ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ପୁରସ୍କୃତ ପ୍ରଦାନ କରାଯାଇଥାଏ। ବୁଧବାର ଏହି କ୍ରମରେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କେଲୁଆପଲ୍ଲୀ ସମେତ ଆନ୍ଧ୍ରପ୍ରଦେଶ ଓ ବିହାରର ଗୋଟିଏ ପଞ୍ଚାୟତକୁ ରାଷ୍ଟ୍ରପତି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ କେଲୁଆପଲ୍ଲୀ ପଞ୍ଚାୟତ ସରପଞ୍ଚ ଅରୁଣ ନାୟକ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପକ ରଞ୍ଜନ ସାମନ୍ତରାୟ



ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। କେଲୁଆପଲ୍ଲୀ ପଞ୍ଚାୟତ ଏପରି ପୁରସ୍କୃତ ହୋଇଥିବାରୁ କେଲୁଆପଲ୍ଲୀ ପଞ୍ଚାୟତରେ ଆନନ୍ଦର୍ ଲହରି ଖେଳି ଯାଇଛି।

## ଭାଉଜକୁ ଦୁଷ୍କର୍ମ; ସମ୍ପର୍କୀୟ ଦିଅର ଗିରଫ

**ବୁଗୁଡ଼ା,୧୧।୧୨(ସମିସ):** ଭାଉଜଙ୍କୁ ଦୁଷ୍କର୍ମ ଅଭିଯୋଗରେ ସମ୍ପର୍କୀୟ ଦିଅରକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାମ୍ବିରୀ ଗ୍ରାମର ସିମାଞ୍ଚଳ ଗୌଡ଼(୨୫)। ଅଭିଯୋଗ ଅନୁସାରେ ସୀମାଞ୍ଚଳ ପ୍ରାୟ ବର୍ଷେ ହେଲା ତାର ଜଣେ ସମ୍ପର୍କୀୟ ଭାଉଜ ସହ ଶାରୀରିକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ଭାଇରଲ କରିଦେବାର ଡର ଦେଖାଇ ବାରମ୍ବାର ଦୁଷ୍କର୍ମ କରି ଆସୁଥିଲା। କେରଳରେ କାମ କରୁଥିବା ସୀମାଞ୍ଚଳ ଗତ ୭ତାରିଖରେ ଭାଉଜଙ୍କୁ ବାହା ହେବା ବାହାନାରେ କେରଳ ଯିବା କହି ଭୁବନେଶ୍ୱରରେ ଛାଡି ଦେଇ ଫେରାର ହୋଇ ଯାଇଥିଲେ। ସମ୍ପୃକ୍ତ ମହିଳା ବହୁ ସମୟ ଧରି ଅପେକ୍ଷା କରିବା ପରେ ସୀମାଞ୍ଚଳର ପତ୍ତା ନମିଳିବାରୁ ମହିଳା ଜଣଙ୍କ ଗ୍ରାମକୁ ଫେରି ଆସି ବୁଗୁଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏନେଇ ୫୭୬/୨୪ରେ ଏକ ମାମଲା ରୁଜୁ କରିବା ସହ ସୀମାଞ୍ଚଳକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୁଗୁଡା,୧୧।୧୨(ସମିସ):** ବୁଗୁଡା ଥାନା ଅନ୍ତର୍ଗତ କାଦପଡା ଗ୍ରାମ ନିକଟସ୍ଥ ଏକ ତୋଟାର ପଣସ ଗଛରୁ ଜନୈକ ଯୁବକଙ୍କ ଝୁଲନ୍ତା ଶବକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ବୁଗୁଡାର ଡି.ବଳରାମ ପାତ୍ର(୩୫)। ଗତ ଶନିବାର ସକାଳୁ ବଳରାମ ବ୍ରହ୍ମପୁର ଯାଉଛି କହି ଘରୁ ବାହାରି ଯାଇଥିଲେ। ତେବେ ଆଜି ସକାଳେ କିଛି ଲୋକ ତାଙ୍କ ଝୁଲନ୍ତା ଶବକୁ ଦେଖିବାକୁ ପାଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୨୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଏନ୍‌ଫୋର୍ସମେଣ୍ଟ ଟିମର ଚଢ଼ଉ

**ଆସିକା,୧୧।୧୨(ସମିସ):** କିଛି ଦିନର ବିରତି ପରେ ପୁଣି ଆକ୍ସନ ମୁଡ୍ ରେ ଆସିକା ଏନ ଫୋର୍ସମେଣ୍ଟ ଟିମ। ବୁଧବାର ଆସିକା ଏନଏସିର ବିଭିନ୍ନ ୱାର୍ଡ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ରହିଥିବା ହୋଟେଲ, ରେସ୍ତୋରାଁ ଓ ଉଠା ଦୋକାନରେ ବିକ୍ରି ହେଉଥିବା ଖାଦ୍ୟ ଦୋକାନ ଉପରେ ଏନଫୋର୍ସମେଣ୍ଟ ଟିମର ଚଢ଼ାଉ କରିଛି। କିଛି ହୋଟେଲରେ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ହେଉଥିବା ନେଇ ମୋଟ ୫ଟି ଅନୁଷ୍ଠାନକୁ ୪୫ହଜାର ଟଙ୍କା ଜରିମାନା କରିଛନ୍ତି। ଆସିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବିଜେଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଶୁଭରଞ୍ଜନ ମୁଦୁଲିଙ୍କ ନେତୃତ୍ୱରେ ଦୁଇ ଜଣିଆ ଟିମର ମିଳିତ ଚଢ଼ାଉ ହୋଇଥିଲେ।

## ଘର ଆଗରେ ଥିବା ଗାଡ଼ି ଭାଙ୍ଗିଦେଲେ ଦୁର୍ବୃତ୍ତ



**ଖଲ୍ଲିକୋଟ,୧୧।୧୨(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଘର ଆଗରେ ରଖାଯାଇଥିବା ଗୋଟିଏ ବୋଲେରୋ ଏବଂ ଆଉ ଗୋଟିଏ ଇଣ୍ଡିଗୋ କାରର ଗ୍ଲାସ ଗୁଡିକୁ କୌଣସି ଦୁର୍ବୃତ୍ତ ଭାଙ୍ଗିଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଗାଡ଼ି ମାଲିକ ସୌରୀ ନାହାକ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

## ୧ କୋଟି ୯୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ



**ଫିରିଙ୍ଗିଆ,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ କାରବାର ଓ ଚାଷ ଉପରେ ରୋକ ଲଗାଇବା ପାଇଁ ଗଞ୍ଜେଇ ଗଛ କଟା ଅଭିଯାନ ଜାରିରହିଛି। ଜିଲ୍ଲାର ଫିରିଙ୍ଗିଆ ପୁଲିସ ମଧ୍ୟ ଏହି ଅଭିଯାନ ଜାରିରଖିଛି। ବୁଧବାର ଫିରିଙ୍ଗିଆ ପୁଲିସ ଓ ଜିଲ୍ଲା ଅବକାରୀ ବିଭାଗ ମିଳିତ ଭାବରେ ଚଢ଼ଉ କରି ଫିରିଙ୍ଗିଆ ଥାନା ଅଧୀନସ୍ଥ ତଲଦଣ୍ଡିକିଆ ପଞ୍ଚାୟତର ଜୋକେ, ବୁକୁଦେଇ ଓ ଟେଙ୍ଗେଡି ଗାଁ ନିକଟରେ ଥିବା ପାହାଡିଆ ଜଙ୍ଗଲ ୧୦୯ ଏକର ଜାଗାରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ କାଟିଦେବା ସହ ଜାଳି ପୋଡି ନଷ୍ଟ କରିଛନ୍ତି। ନଷ୍ଟ କରା ଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ୯୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ତରଫରୁ ସୂଚନା ମିଳିଛି। ବୁଧବାର ହୋଇଥିବା ଚଢ଼ଉରେ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏସ ଆଇ ଦୀପକ କୁମାର ରାଉତ ଓ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମଚାରୀ ଓ ଜିଲ୍ଲା ଅବକାରୀ ବିଭାଗର ଅଧିକାରୀଙ୍କ ସହ କର୍ମଚାରୀ ସାମିଲ ହୋଇଥିଲେ। ଏହାସହ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ବସୁଧା ବାଟବଣା

## କାର୍ଯ୍ୟଶେଷ ପରେ ବି ମିଳୁନି ପାଣି



**ଫିରିଙ୍ଗିଆ,୧୧।୧୨(ସମିସ):** ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କଲେବି ଲୋକେ ପାଣି ଟୋପାଏ ନ ପାଇ ପ୍ରକଳ୍ପ ଖତ ଖାଉଛି। ଠିକାଦାର ହେଉ କି ସ୍ଥାନୀୟ ପ୍ରଶାସନର ଅବହେଳା ପାଇଁ ଜନସାଧାରଣ ଯୋଜନାର ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାଶିନିପଦର ପଞ୍ଚାୟତର ଶାସିପଦର ଏବଂ ବରେବାଟା ଗାଁରେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଫୁଲବାଣୀ ଅଧିନରେ ୨୦୨୦ ମସିହାରେ କାଶିନିପଦର ପଞ୍ଚାୟତ ବରେବାଟାରେ ୫୯ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟରେ ବସୁଧା ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ବରେବାଟା ଓ ଶାଶିପଦର ୨ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ରହିଛି। ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ ଓ ବରେବାଟା ଗ୍ରାମର ପ୍ରତ୍ୟେକ ଘରକୁ ଜଳଯୋଗାଣ ପାଇଁ ପାଇପ୍ ଏବଂ ଟ୍ୟାପ୍ ସଂଯୋଗ ଶେଷ ହୋଇଛି। ଶାଶିପଦର ଗ୍ରାମର କିଛି ଘରକୁ ପାଇପ୍ ଏବଂ ଟ୍ୟାପ୍ ସଂଯୋଗ ହେଇଥିବା ବେଳେ କିଛି ଘରକୁ କୌଣସି ପାଇପ କିମ୍ବା କୌଣସି ଟ୍ୟାପ ସଂଯୋଗ କରାଯାଇନାହିଁ। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୪ ବର୍ଷ ବିତି ଯାଇଥିଲେ ମଧ୍ୟ ୨ ଗ୍ରାମର ପ୍ରାୟ ୨ ଶହରୁ ଅଧିକ ପରିବାରକୁ ଏ ପର୍ଯ୍ୟନ୍ତ ପାଣି ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଫୁଲବାଣୀ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମ ବାସୀ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସମ୍ବାରିୟା ବେହେରାଙ୍କୁ ଫୋନ କଲେ ମଧ୍ୟ କିଛି ଶୁଣୁ ନ ଥିବା କହିଛନ୍ତି ଗ୍ରାମବାସୀ। କନ୍ଧମାଳ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ବୁଧବାର ଦୁଇ ଗ୍ରାମବାସୀ ବସୁଧା ପ୍ରକଳ୍ପର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାନୀୟ ଜଳ ଯୋଗାଇ ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମର ସୁନାସିର ଦିଗାଲ, ବିନୋଦ ଦିଗାଲ, ବିରୁପାକ୍ଷ କହଁର, କିନେଶ୍ୱର କହଁର, ରାଘବ ବିନ୍ଧାଣି ଓ ସନ୍ତୋଷ ପ୍ରଧାନ କହିଛନ୍ତି। ଏସମ୍ପର୍କରେ ବିଡିସ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ପାଣି ସମସ୍ୟା ରହିଛି। ଲୋକଙ୍କ ସହ ଆଲୋଚନା କରି କିଭଳି ପାଣି ପାଇ ପାରିବେ ତାର ସମାଧାନ ସହ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସମ୍ବାରିୟା ବେହେରାଙ୍କୁ ପଚାରିବାରୁ ତିଆରି ହୋଇଥିବା କୂଅରୁ ପାଣି ମିଳି ପାରୁନାହିଁ। ଅନ୍ୟ ଏକ ଜାଗାରେ ବୋରିଂ କରାଯାଇଛି। ଖୁବ କମ ଦିନ ଭିତରେ ପାଣି ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ଦେବଗିରି ଉତ୍ସବ ଉଦ୍‌ଘାଟିତ

## ସୌରା ନୃତ୍ୟରେ ଅତିଥିଙ୍କୁ ଆମନ୍ତ୍ରଣ



**ଗୁମ୍ମା,୧୧।୧୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାରମ୍ପରିକ ଦେବଗିରି ଉତ୍ସବ ଆରମ୍ଭ ହୋଇଛି। ସାଂସ୍କୃତିକ ଲାଞ୍ଜିଆ ସୌରା ଲୋକ ନୃତ୍ୟ ପରିବେଷଣ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପାରଳା ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ଗୁଣନିଧି ନାୟକ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୃଥିରାଜ ମଣ୍ଡଳ, ତହସିଲଦାର ଦେବୀ ପ୍ରସନ ସ୍ୱରସ୍ୱତ, ବିଡ଼ିଓ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ ଓ ସମିତି ସଭ୍ୟ/ସରପଞ୍ଚ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀ ଲୋକକଳା, ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ନାଟକ ଓ ସଂସ୍କୃତିର ପୁନଃଉଦ୍ଧାର ଉଦ୍ଦେଧଶ୍ୟରେ କାର୍ଯ୍ୟକ୍ରମ କରାଯିବା ସହ ଲୁକ୍କାୟତ ପ୍ରତିଭାର ବିକାଶ ଲାଗି ଉଦ୍ୟମ କରାଯାଇଥିବା ଜଣାପଡିଛି। ସେହିପରି ଗୁମ୍ମା ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀ ବିଭିନ୍ନ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିବା ସହିତ ଆଲବମ ଅଭିନେତ୍ରୀ ରାମଞ୍ଜଳି ପ୍ରିୟଦର୍ଶୀ ଗୀତ ନାଚ ନିହାର ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, କଳାକାର, ଆଇନଜୀବୀ ଓ ସାମ୍ବାଦିକଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବ୍ରହ୍ମପୁର,୧୧।୧୨(ସମିସ):** ଖଲ୍ଲିକୋଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଖ୍ୟାତ ମଞ୍ଚ ଉଦ୍‌ଘୋଷକ ଦମ୍ପତ୍ତି ହୃଷୀକେଶ ପାଣିଗ୍ରାହୀ ଓ ସୁଦୀପ୍ତା ପାଣିଗ୍ରାହୀ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଅମୀୟ ପରିଚ୍ଛା ଉପସ୍ଥିତ ଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଧାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ମନ୍ମୟୀ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ଅଭିଷେକ ସାମନ୍ତରାୟ ବିଶ୍ୱ ସୁନାମୀ ସଚେତନତା ସମ୍ମିଳନୀରେ ପ୍ରତିନିଧିତ୍ୱ କରିଥିଲେ। ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର ଆଶୁତୋଷ ସାମନ୍ତରାୟ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସଂଗଠନ ଉପଦେଷ୍ଟା ମନ୍ମୟୀ ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ପାଇଁ ଆବେଦନ ସଚେତନ

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଗ୍ରାମବାସୀଙ୍କୁ ନେଇ ବୁଧବାର ରାଜୀବ ଗାନ୍ଧି ସଭାଗୃହରେ ସରପଞ୍ଚ ସୁଭଦ୍ରା ପତ୍ରାଙ୍କ ଅଧ୍ୟକ୍ଷତାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଆବେଦନ ସଚେତନ କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ରହିଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟ, ଗାଁ ସାଥି ସମୂହଙ୍କ ସହିତ ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ବସ୍ତରାୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମ ବାସୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିପରି ଆବେଦନ କରିପାରିବେ ସଚେତନ କରାଯାଇଥିଲା।

## ଟ୍ରାଫିକ୍ ନିୟମ ସଚେତନତା କାର୍ଯ୍ୟକ୍ରମ



**ବେଲଗୁଣ୍ଠା,୧୧।୧୨(ସମିସ):** ବେଲଗୁଣ୍ଠା ଥାନା ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ବାଣତୁମ୍ବ ଛକ ଏବଂ ଜଗନ୍ନାଥପ୍ରସାଦ ରୋଡ୍ ଛକରେ ଲୋକଙ୍କୁ ଲିଫ୍ଲେଟ୍ ବାଣ୍ଟି ଟ୍ରାଫିକ୍ ନିୟମ ମାନିବା ପାଇଁ ସଚେତନ କରାଯାଇଥିଲା। ଦ୍ରୁତ ଗତିରେ ଗାଡ଼ି ନଚଳାଇବା, ବାଇକରେ ଦୁଇ ଜଣରୁ ଅଧିକ ବ୍ୟକ୍ତି ନଯିବା, ଉଭୟ ବାଇକ୍ ଚାଳକ ଏବଂ ଆରୋହୀ ହେଲମେଟ୍ ପିନ୍ଧିବା, ଡ୍ରାଇଭିଂ ଲାଇସେନ୍ସ ନଥିବା ଛାତ୍ରଛାତ୍ରୀଙ୍କୁ ଗାଡ଼ି ନଦେବା, ମଦ୍ୟପାନ କରି ଗାଡ଼ି ନଚଳାଇବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଏସ୍‌ଆଇ ନାରାୟଣ ନାୟକ, ଏଏସ୍‌ଆଇ ଅନୁ ମଲ୍ଲିକଙ୍କ ସମେତ ବେଲଗୁଣ୍ଠା ଥାନାର ସବୁ କର୍ମଚାରୀ ଏବଂ ଭୁବନେଶ୍ୱରରୁ ଆସିଥିବା ଇଆଇସି ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ଚକ୍ରଧର ମହାରଣା, ମୃତ୍ୟୁଞ୍ଜୟ ମୁଦୁଲି, ମନୋଜ ସାହୁ, ଗଦାଧର ମହାରଣା ଏବଂ ମୁନା ଭଟ୍ଟ ପ୍ରମୁଖ ସାମିଲ୍ ଥିଲେ।

## ଜଙ୍ଗଲଭିତ୍ତିକ ଜୀବନଜୀବିକା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

**ଦାରିଙ୍ଗବାଡ଼ି,୧୧।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକର ବାଡାବାଙ୍ଗା, ଦନେକବାଡି ଓ ସୋନପୁର ପଞ୍ଚାୟତର ସମସ୍ତ ଅଦିବାସୀଙ୍କ ଜୀବନଜୀବିକା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଅଜିମ ପ୍ରେମଜି ଫାଉଣ୍ଡେସନର ସହାୟତା ରେ ଜଙ୍ଗଲ-ଜୀବନ ପ୍ରକଳ୍ପ, ଜାଗୃତି ଦ୍ୱାରା ଗତ ଏକ ବର୍ଷଧରି କାର୍ଯ୍ୟକାରୀ ହୋଇ ଆସୁଛି। ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ଏହାର ପରିଚାଳନା ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭର କରି ଚଳିଆସୁଥିବା ଜନଜାତି ଓ ପାରମ୍ପରିକ ବନବାସୀମାନଙ୍କର ଜୀବନଜୀବିକାକୁ ସୁନିଶ୍ଚିତ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ଆଖିରେ ରଖି ଏହି ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ ବ୍ୟକ୍ତି, ଗୋଷ୍ଠୀ, ସଂଗଠନ ଓ ସରକାରୀ ଅଧିକାରୀମାନଙ୍କୁ ନେଇ ଜାଗୃତି ସଭା ଗୃହରେ ଏକ ଜିଲାସ୍ତରୀୟ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତିର ଜଙ୍ଗଲ ଭିତ୍ତିକ ଜୀବନଜୀବିକା ପ୍ରକଳ୍ପ ପରିଚାଳକ ସଦାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଚେତନ ଶିବିରରେ ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଦାନ ଅନୁଷ୍ଠାନର ଶିଶିର କୁମାର ସାହୁ, ଜନବିକାଶ ଅନୁଷ୍ଠାନର ଅରୁଣ କୁମାର ନାୟକ ଯୋଗଦେଇ ଜଙ୍ଗଲଜମି ଅଧିକାର ଓ ସୁଶାସନ ସମ୍ପର୍କରେ ଆଲୋଚନା କରି ନୀତିନିୟମ, ସରକାରଙ୍କ ଯୋଜନା, ରହିଥିବା ସୁବିଧା ନେଇ ସୂଚନା ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ପ୍ରତିନିଧି ପ୍ରଦୀପ କହଁର, ପ୍ରଯୁକ୍ତି ସହାୟକ ଧନେଶ୍ୱର ସାହୁ ସହିତ ଅନ୍ୟ ସମସ୍ତ କର୍ମୀ ସହଯୋଗ କରିଥିଲେ।

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ

## କାର୍ ଓ ବାଇକ୍‌ରେ ଯାଉଛନ୍ତି ରୋଗୀ



**ଖଲ୍ଲିକୋଟ,୧୧।୧୨(ସମିସ):** ବିଭିନ୍ନ ଦାବି ନେଇ ମଙ୍ଗଳବାର ରାତିରୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନେ ଆନ୍ଦୋଳନ ଆରମ୍ଭ କରିବା ପରେ ଏହି ଜରୁରିକାଳୀନ ସେବା ହଠାତ ଠପ ହୋଇଯାଇଛି। ଫଳରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ୧୦୮ କର୍ମଚାରୀ ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନକୁ ଓହ୍ଲାଇ ଥିବା ବେଳେ ମୁଖ୍ୟତଃ ଛଟେଇ ହୋଇଥିବା କର୍ମଚାରୀଙ୍କୁ ନିଯୁକ୍ତି ଓ ପୂର୍ବ ସରକାର ଧାର୍ଯ୍ୟ କରିଥିବା ୫ ହଜାର ଟଙ୍କାର ଅତିରିକ୍ତ ସହାୟତା ରାଶି ଦେବା ପାଇଁ ଦାବି ରହିଛି ବୋଲି କହିଛନ୍ତି ୧୦୮ ଇଏମଟି କର୍ମଚାରୀ ସାଗର ମହାପାତ୍ର ଓ ପ୍ରଭାକର ପରିଚ୍ଛା। ଅପରପକ୍ଷେ ଖଲ୍ଲିକୋଟ ମେଡିକାଲରୁ ଗୁରୁତର ରୋଗୀଙ୍କୁ କାର, ଅଟୋ, ବାଇକରେ ଅସୁରକ୍ଷିତ ଭାବେ ବ୍ରହ୍ମପୁର ସ୍ଥାନାନ୍ତର କରିବାକୁ ବାଧ ହେଉଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଗୁହାରିଆପାଟ ଗ୍ରାମର ଶୈଳେନ୍ଦ୍ରି ଜାନି ଜଣେ ଶ୍ୱାସ ରୋଗୀଙ୍କୁ ପରିବାର ଲୋକେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରୟକୁ ଚିକିତ୍ସା ପାଇଁ ଆଣିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରିଥିଲେ। ସମ୍ପର୍କୀୟ ୧୦୮ ଆମ୍ବୁଲାନ୍ସକୁ କଲ କରିବା ପରେ ସେପଟୁ ଉତ୍ତର ମିଳିଲା ଯେ, ଆମ୍ବୁଲାନ୍ସ କର୍ମଚାରୀ ଆନ୍ଦୋଳନ କରୁଥିବାରୁ ବର୍ତ୍ତମାନ ସମୟରେ ଏହି ସେବା ଯୋଗାଇ ଦିଆ ଯାଇପାରୁନାହିଁ। ତେଣୁ ବାଧ ହୋଇ ପରିବାର ଲୋକେ ଏକ ଘରୋଇ କାର ଯୋଗେ ହାତରେ ସାଲାଇନ ଧରି ରୋଗୀଙ୍କୁ ଅସୁରକ୍ଷିତ ଭାବେ ବ୍ରହ୍ମପୁର ନେଇଥିଲେ। ସେହିପରି କାଳିଆ ସାହୁ ତାଙ୍କ ସ୍ତ୍ରୀଙ୍କ ପ୍ରସୂତି କାଳୀନ ସମସ୍ୟା ଦେଖାଦେବାରୁ ୧୦୮ ଆମ୍ବୁଲାନ୍ସ ନ ପାଇ ଏକ ଘରୋଇ ଗାଡିରେ ବ୍ରହ୍ମପୁର ନେଇଥିଲେ। ଏଭଳି ବହୁ ଗୁରୁତର ରୋଗୀ ଆମ୍ବୁଲାନ୍ସ ସେବା ନ ପାଇ କାର, ଅଟୋ, ବାଇକ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତର ହେଉଥିବା ଦେଖାଯାଇଥିଲା।

### ପାରଳାରେ ପଡ଼ି ରହିଲା ୧୦୮ ଆମ୍ବୁଲାନ୍ସ

**ପାରଳାଖେମୁଣ୍ଡି:** ବିବାଦକୁ ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଜିପିଏସ୍ ବନ୍ଦ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଜ୍ୟ ୧୦୮ କର୍ମଚାରୀ ସଂଘର ଡାକରାରେ ବୁଧବାର ରାଜ୍ୟ ବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ମଧ୍ୟ ଏପରି ଆନ୍ଦୋଳନ ଆରମ୍ଭ ହୋଇଛି। ଆନ୍ଦୋଳନ ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେବା ଆଶଙ୍କା ବଢ଼ିଛି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଦରମା ଧାର୍ଯ୍ୟ ତାରିଖ ବହୁ ପରେ ମିଳିବା, ୮ ଘଣ୍ଟା କାର୍ଯ୍ୟ ବଦଳରେ ୧୨ ଘଣ୍ଟା କାର୍ଯ୍ୟ କରିବା ଏବଂ ୮ଘଣ୍ଟାର ପାରିଶ୍ରମିକ ଦେବା, ଭତ୍ତା ପ୍ରଦାନ, ସ୍ଥାୟୀ ଚାକିରୀ ଆଦି ୭ ଦଫା ଦାବି ପୁରଣ କରିବା ପାଇଁ ବାରମ୍ବାର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆମ୍ବୁଲାନ୍ସରେ ଥିବା ଜିପିଏସ୍ ବ୍ୟବସ୍ଥାର ବଟନ୍ ବନ୍ଦ କରି ଗାଡି ଚଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଫଳରେ ୧୦୮ ଆମ୍ବୁଲାନ୍ସର ଉପରେ ନିୟନ୍ତ୍ରଣ ରହିବ ନାହିଁ।ଫଳରେ ଜିଲ୍ଲା ବ୍ୟାପୀ ରୋଗୀ ସେବା ପ୍ରଭାବିତ ହେଉଛି।

